ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.11 Bhubaneswar Tuesday February 14 2023 | ୨୬ତମ ବର୍ଷ ସଂଖ୍ୟା-୧୧ ଭୁବନେଶ୍ୱର ମଙ୍ଗଳବାର, ଫେବୃଆରୀ ୧୪, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ୧୫ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର: ହାଇସ୍କୁଲରେ ୬୦୨୫ ନୂଆ ଶିକ୍ଷକ, ୨୩୭ଟି ଆଦର୍ଶ ସ୍କୁଲ ହଷ୍ଟେଲକୁ ମଞ୍ଜୁରୀ




ଭୁବନେଶ୍ୱର, ୧୩।୨(ପି.ଏନ): ରାଜ୍ୟର ହାଇସ୍କୁଲଗୁଡିକରେ ଆଉ ୬୦୨୫ଟି ନୂଆ ଶିକ୍ଷକ ପଦବୀ ପୂରଣ ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ଏବେ ହାଇସ୍କୁଲଗୁଡିକରେ ମୋଟ ୪୦୧୬୬ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ଏହାର ୧୫ ପ୍ରତିଶତ ଅର୍ଥାତ ୬୦୨୫ଟି ବିଭିନ୍ନ ବିଷୟର ଶିକ୍ଷକ ପଦବୀ ସୃଷ୍ଟି ହେବ । ଶିକ୍ଷକମାନେ ଛୁଟି, ପ୍ରଶିକ୍ଷଣ ଓ ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ରହୁଥିବାରୁ ତାକୁ ଦୃଷ୍ଟିରେ ରଖି ସରକାର ଏହି ୬୦୨୫ଟି ଏଲଟିଆର ଶିକ୍ଷକ ପଦବୀ ସୃଷ୍ଟି ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହାସହିତ ମୋଟ ୧୫ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି ।ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍ ଓ ରାଜ୍ୟ ମନ୍ତ୍ରିପରିଷଦର ବୈଠକ ଭିନ୍ନ ଭିନ୍ନ ଭାବେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ସୁରେଶ ମହାପାତ୍ର କହିଛନ୍ତି ଯେ, ରାଜ୍ୟର ହାଇସ୍କୁଲଗୁଡିକରେ ବିଭିନ୍ନ ବିଷୟରେ ୬୦୨୫ଟି ଏଲଟିଆର (ଲିଭ,ଟ୍ରେନିଂ ରିଜର୍ଭ ) ପଦବୀ ସୃଷ୍ଟି କରାଯିବ । ରାଜ୍ୟ କ୍ୟାବିନେଟ୍ ଆଜି ଏହାକୁ ମଞ୍ଜୁର କରିଛନ୍ତି । ସେହିପରି ଓଡିଶା ଆଦର୍ଶ ବିଦ୍ୟାଳୟରେ ୨୩୭ଟି ବାଳକ ହଷ୍ଟେଲ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ହଜାରେ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏବେ ଆଦର୍ଶ ସ୍କୁଲଗୁଡିକରେ ଛାତ୍ରୀମାନଙ୍କ ରହିବା ପାଇଁ ହଷ୍ଟେଲ ସୁବିଧା ଥିବାବେଳେ ଛାତ୍ରମାନଙ୍କ ନିମନ୍ତେ ୧୦୦ବେଡ୍ ବିଶିଷ୍ଟ ୨୩୭ଟି ହଷ୍ଟେଲ ନିର୍ମାଣ ନିମନ୍ତେ ରାଜ୍ୟ କ୍ୟାବିନେଟ୍ ଅନୁମତି ଦେଇଛନ୍ତି । ସେହିପରି ଜେଲରେ ରହୁଥିବା ଅନ୍ତେବାସୀଙ୍କ କୌଣସି କାରଣରୁ ମୃତ୍ୟୁ ହେଲେ ସେମାନଙ୍କର ନିକଟ ସମ୍ପର୍କୀୟଙ୍କୁ ରାଜ୍ୟ ସରକାର ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବେ । ହାଇକୋର୍ଟ ଓ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଜେଲ ଅନ୍ତେବାସୀଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଏକ ରୁଲ୍ ପ୍ରଣୟନ କରିଛନ୍ତି ଯାହାକୁ ରାଜ୍ୟ କ୍ୟାବିନେଟ୍ ଆଜି ଅନୁମୋଦନ କରିଛନ୍ତି ।

### ଚିଠା ବଜେଟ୍ କୁ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ

ଭୁବନେଶ୍ୱର, ୧୩।୨(ପି.ଏନ): ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ଚିଠା ବଜେଟକୁ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳିଛି । ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ୨୦୨୨-୨୩ ବର୍ଷର ସଂଶୋଧିତ ବଜେଟ୍ ଓ ୨୦୨୩-୨୪ ବର୍ଷ ପାଇଁ ବାର୍ଷିକ ବଜେଟ୍ କୁ ଅନୁମୋଦନ ମିଳିଥିଲା । ଆସନ୍ତା ବିଧାନସଭା ଅଧିବେଶନରେ ଏହି ଦୁଇଟି ପ୍ରସ୍ତାବ ଉପସ୍ଥାପିତ ହେବ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୋଟ ପ୍ରାୟ ୨.୧୯ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଚିଠା ବଜେଟ ଆକଳନ କରିଛନ୍ତି ।

### ବିଜେଡି ସହାୟତାରେ ରାଜ୍ୟସଭା ଯିବାକୁ ଚାହୁଁଥିଲେ ବିଜୟ

ଭୁବନେଶ୍ୱର, ୧୩।୨(ପି.ଏନ): କଂଗ୍ରେସ ଦଳରେ ଯୋଗ ଦେଇଥିବା ଅବସରପ୍ରାପ୍ତ ପ୍ରଶାସକ ବିଜୟ ପଟ୍ଟନାୟକଙ୍କ ସାମ୍ବାଦିକ ସମ୍ମିଳନୀରେ ବକ୍ତବ୍ୟ କଂଗ୍ରେସ ନୁହେଁ, ବିଜେପିର ଜଣେ ମୁଖପାତ୍ର ଭାବେ କଥା ହେଉଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ଲେନିନ ମହାନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ ସମସ୍ତେ ଭଲଭାବେ ଜାଣନ୍ତି, ସରକାରୀ ଚାକିରିରୁ ଅବସର ନେବା ପରେ ଶ୍ରୀ ପଟ୍ଟନାୟକ ରାଜନୀତିରେ ଯୋଗଦେଇ କ୍ଷମତାରେ ରହିବା ପାଇଁ କେତେ ବ୍ୟାକୁଳ ଥିଲେ । ଏଥିପାଇଁ ସେ ବିଜୁ ଜନତା ଦଳରେ ଯୋଗ ଦେଇ ରାଜ୍ୟସଭା ଯିବାକୁ ଚାହୁଁଥିଲେ । ମାତ୍ର ତାହା ସମ୍ଭବ ନହେବାରୁ ସେ ଶେଷରେ ବୁଲିବୁଲି କଂଗ୍ରେସ ଦଳରେ ଯୋଗ ଦେଲେ । ଏବେଠୁ ଜଣାପଡୁଛି, ଭବିଷ୍ୟତରେ ବି ସେ କଂଗ୍ରେସରେ ରହି ବିଜେପିର ମୁଖପାତ୍ର ଭଳି କାମ କରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ଜନତାଙ୍କ ସ୍ୱର ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଂଚିପାରୁନାହିଁ : ବିଜୟ ପଟ୍ଟନାୟକ



ଭୁବନେଶ୍ୱର, ୧୩ ଫେବୃଆରୀ - ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କଂଗ୍ରେସରେ ସାମିଲ ହେବା ପରେ ଆଜି ଭୁବନେଶ୍ୱର ବିମାନ ବନ୍ଦର ଠାରେ ପହଂଚିବା ପରେ କଂଗ୍ରେସ କର୍ମୀମାନଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । କଂଗ୍ରେସ ଭବନରେ ଶ୍ରୀ ପଟ୍ଟନାୟକଙ୍କୁ ପି.ସି.ସି. ସଭାପତି ଶରତ ପଟ୍ଟନାୟକ ଏବଂ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବର୍ଗ ଏବଂ କର୍ମିମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଏଠାରେ ଗଣମାଧ୍ୟମକୁ ଶ୍ରୀ ଶରତ ପଟ୍ଟନାୟକ କହିଥିଲେ ଯେ, ବିଜୟ ପଟ୍ଟନାୟକ ଏ ରାଜ୍ୟରେ ଜଣେ ଉଚ୍ଚ ପଦସ୍ଥ ଅଫିସର ଭାବରେ ସାଧୁତା, ନିଷ୍ଠାର ସହ ୪୦ ବର୍ଷ କାର୍ଯ୍ୟ କରିଛନ୍ତି । ତମାମ ପ୍ରଶାସନିକ ସେବାରେ ସେ ଦୁର୍ନୀତି, ଭ୍ରଷ୍ଟାଚାର ଓ ଶାସନ କ୍ଷେତ୍ରରେ ଅପାରଗତା ଓ ନିଷ୍କ୍ରିୟତାକୁ ତୀବ୍ର ବିରୋଧ କରିଆସିଛନ୍ତି । ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଥିବା ବି.ଜେ.ଡ଼ି ଓ ବି.ଜେ.ପି ଦଳରେ ଯୋଗ ଦେବାକୁ ସେ ପସନ୍ଦ କଲେ ନାହିଁ । କଂଗ୍ରେସ ଦଳର ନୀତି, ଆଦର୍ଶ ଓ ଦେଶ ପ୍ରତି ତ୍ୟାଗ ଓ ତିତୀକ୍ଷା ଏବଂ ବିଶେଷ କରି ଗାନ୍ଧୀବାଦ ଉପରେ ପ୍ରଗାଢ଼ ବିଶ୍ୱାସ ରଖି ସେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି । ତାଙ୍କର କାର୍ଯ୍ୟଦକ୍ଷତା, ବିଶାଳ ଅନୁଭବ ଏବଂ ସହଯୋଗକୁ କଂଗ୍ରେସ ଦଳ ଆଗାମୀ କାର୍ଯ୍ୟକ୍ରମରେ ସଠିକ୍ ବିନିଯୋଗ କରିବ ।ଏଠାରେ ଗଣମାଧ୍ୟମକୁ ଶ୍ରୀ ବିଜୟ ପଟ୍ଟନାୟକ ସମ୍ବୋଧିତ କରି କହିଥିଲେ ଯେ, ସେ ଶେଷ ଜୀବନ ପର୍ଯ୍ୟନ୍ତ କଂଗ୍ରେସ ଦଳରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଛନ୍ତି । ରାହୁଲ ଗାନ୍ଧୀଙ୍କର ଭାରତ ଯୋଡ଼ ଯାତ୍ରା ଦେଶରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ପରିବର୍ତ୍ତନ ପାଇଁ ଯେଉଁବାର୍ତ୍ତା ଦେଇଛନ୍ତି ସେଥିରେ ଦେଶବାସୀ ପ୍ରଭାବିତ ହୋଇଛନ୍ତି । ନିଜର ଅତୀତକୁ ମନେପକାଇ ସେ କହିଛନ୍ତି ଯେ, ଗତ ୧୦ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଭାବ ଶୂନ୍ୟ ହୋଇପଡ଼ିଛନ୍ତି । ତୃତୀୟ ମହଲା ଏବେ କିଛି ସ୍ୱାର୍ଥନେସୀ ବ୍ୟକ୍ତିଙ୍କ କବ୍‌ଜାରେ । ଜନତାର ସ୍ୱର ତୃତୀୟ ମହଲାରେ ପହଂଚିପାରୁ ନାହିଁ । ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ ସବୁଠାରେ ସାଧାରଣ ଜନତାର ଅଭିଯୋଗ ଓ ଅଳି ଅର୍ଦ୍ଦଳୀକୁ ଉପେକ୍ଷା କରାଯାଉଛି । ବିଜେଡ଼ି ସରକାରର ରୁଦ୍ଧ ଦ୍ୱାର ଶାସନରେ ଜନତାର ସ୍ୱାର୍ଥ ଲୁଣ୍ଠିତ, ଏହାର ପୂର୍ଣ୍ଣଚ୍ଛେଦ ପଡ଼ିଲେ ଲୋକେ ନ୍ୟାୟ ପାଇବେ । ଦାରିଦ୍ର୍ୟ ବେକାରୀ, ନାରୀ ନିର୍ଯ୍ୟାତନା, କୃଷି ଓ କୃଷକ ସମସ୍ୟା କ୍ଷେତ୍ରରେ ଓଡ଼ିଶା ତଳୁ ୧ ନମ୍ବର ସ୍ଥାନ ଅଧିକାର କରିବାର ଅପବାଦ ମୁଣ୍ଡାଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ପ୍ରସଙ୍ଗରେ ସେ କହିଥିଲେ ଯେ, ଗୋପାଳ ସାହୁ ମାଧ୍ୟମରେ ଅନ୍ୟ କେହି ନବ ଦାସଙ୍କୁ ହତ୍ୟା କରିଛନ୍ତି । ଏହି ହତ୍ୟାକାଣ୍ଡ ଦିନକୁ ଦିନ ରହସ୍ୟମୟ ହୋଇପଡୁଛି । ଏଠାରେ ବେକାର ଯୁବକ ବଂଚିବା ପାଇଁ ନିଯୁକ୍ତି ଖୋଜୁଛି, କର୍ମସଂସ୍ଥାନ ନ ପାଇ ଦାଦନ ଖଟିବା ପାଇଁ ଓଡ଼ିଆ ଯାଉଛି । ଓଡ଼ିଶାରେ ପ୍ରତିଷ୍ଠିତ ଶିଳ୍ପମାନଙ୍କରେ ଓଡ଼ିଆ ବେକାରଙ୍କ ନିଯୁକ୍ତିକୁ ଉପେକ୍ଷା କରାଯାଉଛି । ପ୍ରଶାସନ ନିରପକ୍ଷ ନାହିଁ । ଦଳୀୟଭିତିରେ ପ୍ରଶାସନିକ କାର୍ଯ୍ୟକ୍ରମ ଚାଲିଛି । ଓଡ଼ିଶାର ସ୍ୱାର୍ଥ ବା ଓଡ଼ିଶାର ଜନସାଧାରଣଙ୍କର ଅଧିକାର ଉପେକ୍ଷିତ ହେଉଥିବାବେଳେ ଏଭଳି ସରକାର ରାଜ୍ୟରେ ରହିବାର ଅଧିକାର କ'ଣ ଅଛି । ରାଜ୍ୟରେ ଜନତାଙ୍କ ସରକାର ଆଣିବାକୁ ହେଲେ କଂଗ୍ରେସ ଦଳ ହିଁ ଏକମାତ୍ର ବିକଳ୍ପ । ଓଡ଼ିଶାରେ ଯାହା ସ୍ୱାଧୀନତା ପରଠାରୁ ବିକାଶ ହୋଇଛି ତା'ର ସିଂହ ଭାଗ ଶ୍ରେୟ କଂଗ୍ରେସର । ଅନ୍ୟପକ୍ଷରେ କ୍ଷମତାସିନ କେନ୍ଦ୍ର ଓ ରାଜ୍ୟ ସରକାରର ନୀତି ନିଷ୍ପତିରେ କିଛି ଫରକ ଅନୁଭବ ହେଉନାହିଁ । ଉଭୟ ଏନ୍.ଡି.ଏ ଓ ବି.ଜେ.ଡ଼ି. ସରକାର ବେକାରୀ, ଦାରିଦ୍ର୍ୟ, ହିଂସା, ନାରୀ ନିର୍ଯ୍ୟାତନା, କୃଷି ଓ କୃଷକ ସମସ୍ୟାକୁ ସମାଧାନ କରିବାରେ ବିଫଳ ହୋଇଛନ୍ତି । ମୋଦୀ ସରକାରଙ୍କ ବିକାଶ ଆହ୍ୱାନ ଛଳନାପୂର୍ଣ୍ଣ । ଅନ୍ୟପକ୍ଷରେ ୫ ଟି କେବଳ ଏକ ସ୍ଲୋଗାନ । ୫ ଟିର ଦକ୍ଷତା କ'ଣ ତାହା ଏବେ ରାଜ୍ୟର ବିଭିନ୍ନ ବିଭାଗରେ ହୋଇଥିବା ବିପର୍ଯ୍ୟସ୍ତ ଅବସ୍ଥାରେ ସ୍ପଷ୍ଟ ହୋଇପଡୁଛି । ସାମ୍ବାଦିକମାନଙ୍କ ପ୍ରତି ନବୀନ ସରକାର ଆଚରଣ ଓ ଉଚ୍ଚାରଣ ଅତ୍ୟନ୍ତ ଦୁଃଖଦାୟକ ।

## ଜାତୀୟ ପତାକା ଭାରତର ଆତ୍ମା : ରାଜ୍ୟପାଳ ଗଣେଶୀ ଲାଲ

ପୁରୀ, ୧୩।୨(ପି.ଏନ): ଜାତୀୟ ପତାକା ଭାରତର ଆତ୍ମା । ଏହା ଭାରତର ପ୍ରକୃତ ଚରିତ୍ର ଓ ପରିଚୟ, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଦେଶ ପ୍ରେମରେ ଉଦବୁଦ୍ଧ କରିଥାଏ ବୋଲି କହିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ । ଆଜି ପୂର୍ବାହ୍ନରେ ପୁରୀ ବାଟଗାଁ ଠାରେ ଫ୍ଲାଗ ଫାଉଣ୍ଡେସନ ଅଫ ଇଣ୍ଡିଆ ପକ୍ଷରୁ ୧୦୮ ଫୁଟ ଉଚ୍ଚ ସ୍ତମ୍ଭରେ ଜାତୀୟ ପତାକା ସ୍ଥାପନ କରାଯାଇଛି । ଏହାକୁ ଉଦଘାଟନ କରି ରାଜ୍ୟପାଳ ପ୍ର. ଗଣେଶୀ ଲାଲ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଭାରତୀୟ ତ୍ରିରଙ୍ଗା ତଳେ ସମାନ । ସେମାନେ ଗର୍ବ ଓ ଗୌରବ ଅନୁଭବ କରନ୍ତି ବୋଲି କହିଥିଲେ। ଜଗନ୍ନାଥଙ୍କ ମହିମା, ତ୍ରିରଙ୍ଗାର ତିନି ରଙ୍ଗର ନିଦର୍ଶନ, ଶାନ୍ତି, ମୈତ୍ରୀର ବର୍ଣ୍ଣନା କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନବୀନ ଜିନ୍ଦଲଙ୍କର ଏହି ମହନୀୟତା ପାଇଁ ପ୍ରଶଂସା କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବାଟଗାଁ ଠାରେ ବିଶାଳ ଜାତୀୟ ପତାକା ସ୍ଥାପନ ଦ୍ୱାରା ଲୋକ ମାନଙ୍କ ମଧ୍ୟରେ ଭକ୍ତି ସହ ଜାତୀୟତା ଭାବନା ଅଧିକ ପ୍ରକଟିତ ହେବ ବୋଲି କହିବା ସହ ଜାତୀୟ ପତାକା ଓ ନିକଟରେ ଥିବା ଜୟୀ ରାଜଗୁରୁଙ୍କ ମୂର୍ତ୍ତି ଓ ସ୍ଥାନର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜିନ୍ଦଲ ନିର୍ବାହ ପାଇଁ ମତ ଦେଇଥିଲେ । କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାର କାନ୍ତି ବେହେରା ପତାକା ସ୍ଥାପନ ପାଇଁ ଜିନ୍ଦଲ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇବା ସହ ଜାତୀୟ ଚେତନା ଓ ଦେଶପ୍ରେମ ଗଠନରେ ଏହା ସହାୟକ ହେବ ବୋଲି କହିଥିଲେ ।ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରି ଫ୍ଲାଗ ଫାଉଣ୍ଡେସନର ଅଧ୍ୟକ୍ଷ ନବୀନ ଜିନ୍ଦଲ ହର ଘର ତ୍ରିରଙ୍ଗା ହର ଦିନ ତ୍ରିରଙ୍ଗା ଲକ୍ଷ୍ୟରେ ଏହା ସ୍ଥାପନ ହୋଇଛି । ଅନେକ ଛୋଟ ଲଗାଇବା ଅପେକ୍ଷା ବଡ଼ ପତାକା ସ୍ଥାପନ ଦ୍ୱାରା ଲକ୍ଷ ଲକ୍ଷ ଲୋକ ଏହାକୁ ଦୂରରୁ ମଧ୍ୟ ଦେଖି ଗର୍ବିତ ହୋଇପାରିବେ । ସେ ଆମେରିକାରେ ଶିକ୍ଷା ଲାଭ କରିବା, ସେଠାରେ ଜାତୀୟ ପତାକାର ସମ୍ମାନ ଦେଖି ଆମ ଦେଶରେ ଏହାକୁ ଉଡାଇବାକୁ ଆଶା କରି ତ୍ରିରଙ୍ଗାକୁ ସମ୍ମାନର ସହ ସମସ୍ତେ ଓ ସବୁବେଳେ ଉଡାଇବା ପାଇଁ ଆଇନଗତ ଲଢ଼େଇ ସମ୍ପର୍କରେ ସୂଚନା ଦେଇଥିଲେ । ଜାତୀୟ ପତାକା ସମ୍ମାନର ସହ ଉଡେଇବା ଆମ ସାମ୍ବିଧାନିକ ଅଧିକାର । ଏହାକୁ ଗର୍ବର ସହ ପ୍ରତ୍ୟେକ ଅନୁଭବ କରିବାକୁ ସେ ଆହ୍ୱାନ ଦେବା ସହ ପୁରୀରେ ଏହାର ସ୍ଥାପନ ପାଇଁ ପ୍ରଶାସନର ସହଯୋଗକୁ କୃତଜ୍ଞତା ଜଣାଇଥିଲେ ।ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏହି ଗୌରବମୟ କାର୍ଯ୍ୟ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାପାଳ ସମର୍ଥ ବର୍ମା, ଏସପି ଡ଼ଃ. କନୱର ବିଶାଳ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ଧାନ କିଣା ଓ ଚାଉଳ କାଟ୍ କୁ ନେଇ କାଲିଠୁ ବିଜେଡିର ରାଜ୍ୟବ୍ୟାପି ପ୍ରତିବାଦ

ଭୁବନେଶ୍ୱର, ୧୩।୨(ପି.ଏନ): କେନ୍ଦ୍ର ବଜେଟ୍ ରେ ଧାନ କିଣା ପାଣ୍ଠି ହ୍ରାସ ଓ ଉଷୁନା ଚାଉଳ ଉଠାଣ ପରିମାଣ କମାଇବା ପ୍ରସଙ୍ଗରେ ରାଜ୍ୟବ୍ୟାପୀ ପ୍ରତିବାଦକୁ ଓହ୍ଲାଇବ ବିଜେଡି । ପୂର୍ବତନ ମନ୍ତ୍ରୀ, ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ଡକ୍ଟର ଅରୁଣ କୁମାର ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ଆସନ୍ତାକାଲି (ମଙ୍ଗଳବାର) ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦିଆଯିବ ଏବଂ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବେ ।

## ପ୍ରଧାନମନ୍ତ୍ରୀ ମୋଦି ଅପମାନିତ କରିଛନ୍ତି କାହିଁକି ଏମିତି କହିଲେ ରାହୁଲ ଗାନ୍ଧି

ନୂଆଦିଲ୍ଲୀ, ୧୩।୨(ପି.ଏନ):ଆଦାନୀ ଗ୍ରୁପ ବିବାଦକୁ ନେଇ ସଂସଦରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଦେଇଥିବା ଭାଷଣକୁ କାଟଛାଣ୍ଟ କରାଯାଇଛି । ସେ କହିଥିବା ଅଧିକାଂଶ କଥାକୁ ସଂସଦୀୟ ରେକର୍ଡ଼ରୁ ବାଦ ଦିଆଯାଇଛି । ଏହାକୁ ନେଇ ଆଜି ରାହୁଲ ଗାନ୍ଧି ପୁଣିଥରେ ବର୍ଷିଛନ୍ତି । ପ୍ରଧାନମନ୍ତ୍ରୀ ମୋତେ ଅପମାନିତ କରଛନ୍ତି ଓ ତାଙ୍କ ଶବ୍ଦକୁ ହଟାଯାଇନି । କିନ୍ତୁ ମୋର ଅଧିକାଂଶ ଶବ୍ଦକୁ ହଟା ଯାଇଛି ଓ ଏହାକୁ ସଂସଦର ରେକର୍ଡକୁ ନିଆଯାଇ ନାହିଁ ବୋଲି ରାହୁଲ ଗାନ୍ଧି କହିଛନ୍ତି ।ସେ କହିଛନ୍ତି, "ପ୍ରଧାନମନ୍ତ୍ରୀ ସଂସଦ ଭିତରେ ମୋତେ ସିଧାସଳଖ ଅପମାନିତ କରିଛନ୍ତି । ସେ ସିଧାସଳଖ ମୋତେ ପଚାରିଛନ୍ତି ଯେ କାହିଁକି ମୋ ସରନେମ ନେହରୁ ନ ହୋଇ ଗାନ୍ଧି ହୋଇଛି । ତେଣୁ ଦେଶର ପ୍ରଧାନମନ୍ତ୍ରୀ ମୋତେ ସିଧାସଳଖ ଅପମାନିତ କରିଛନ୍ତି ଓ ତାଙ୍କ ଶବ୍ଦକୁ ହଟାଯାଇନି ।ହେଲେ ଏଥିରେ ମୋତେ କୌଣସି ଫରକ ପଡୁନି । ସବୁବେଳେ ସତ୍ୟ ହିଁ ସାମ୍ନାକୁ ଆସିଥାଏ ।

## ପୁଣି ଭୂମିକମ୍ପରେ ଥରିଲା ତୁର୍କୀ, ମୃତ୍ୟୁ ସଂଖ୍ୟା ୩୪,୦୦୦ ଟପିଲା



ତୁର୍କୀ, ୧୩।୨(ପି.ଏନ): ପୁଣି ତୁର୍କୀ ଓ ସିରିୟାରେ କମ୍ପନ । ଭୂକମ୍ପରେ ଥରିଲା ତୁର୍କୀ । ଏଥର ରିକ୍ଟର ସ୍କଲରେ ଏହାର ତୀବ୍ରତା ୪.୭ ରେକର୍ଡ କରାଯାଇଛି । କହାରନମାରସର ଦକ୍ଷିଣ-ପୂର୍ବରୁ ୨୪ କିଲୋମିଟର ଦକ୍ଷିଣରେ ଭୂମିକମ୍ପର କେନ୍ଦ୍ରସ୍ଥଳ ଥିବା ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି । ରବିବାର ସ୍ଥାନୀୟ ସମୟ ୧୨ଟା ୩୦ମିନିଟ୍‌ରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପ ଝଟ୍‌କା ଅନୁଭୂତ ହେବା ପରେ ଲୋକେ ଭୟଭୀତ ହୋଇପଡିଛନ୍ତି । ଜୀବନ ବଞ୍ଚାଇବାକୁ ସୁରକ୍ଷିତ ସ୍ଥାନକୁ ଦୌଡି ପଳାଇଛନ୍ତି ।ସେପଟେ ତୁର୍କୀ ଓ ସିରିୟାରେ ପ୍ରଳୟଙ୍କାରୀ ଭୂମିକମ୍ପ ପରେ ମୃତ୍ୟୁ ସଂଖ୍ୟା ଲଗାତର ବଢ଼ିବାରେ ଲାଗିଛି । ୬ ଦିନ ପରେ ବି ଧ୍ୱଂସାବଶେଷ ତଳୁ ଉଦ୍ଧାର ଚ଼ାଲିଛି ମୃତଦେହ । ଶକ୍ତିଶାଳୀ ଭୂମିକମ୍ପ ଯୋଗୁ ଦୁଇ ଦେଶରେ ପ୍ରାୟ ୩୪ ହଜାରରୁ ଅଧିକ ଲୋକ ପ୍ରାଣ ହରାଇ ସାରିଲେଣି । କେବଳ ତୁର୍କୀରେ ୨୯ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ସିରିୟାରେ ୪ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ସେହିପରି ଗୁରୁତରଙ୍କ ସଂଖ୍ୟା ୧ ଲକ୍ଷ ଟପିଛି । ଭୂମିକମ୍ପ ଯୋଗୁ ତୁର୍କୀ ପୂରାପୁରି ନଷ୍ଟ ହୋଇ ଯାଇଛି । ବଡ ବଡ ଅଟ୍ଟାଳିକା ସବୁ ମାଟିରେ ମଶିଯାଇଛି । ସେପଟେ ସିରିୟାରେ ଭୂମିକମ୍ପ କ୍ଷତିଗ୍ରସ୍ତ ଅଞ୍ଚଳକୁ ଆବଶ୍ୟକୀୟ ସହାୟତ ପହଞ୍ଚାଇବାରେ ବାଧା ସୃଷ୍ଟି ହୋଇଥିବା ଯୋଗୁ ସଂଯୁକ୍ତ ରାଷ୍ଟ୍ର ନିନ୍ଦା କରିଛି । ଏଥିସହ ଭୂକମ୍ପରେ ମରିବା ଲୋକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଚେତାବନୀ ଦେଇଛି ।

## ଆମେରିକା-କାନାଡା ସୀମାରେ ଉଡିଲା ସନ୍ଦେହଜନକ ବସ୍ତୁ, ଖସାଇବାକୁ ନିର୍ଦ୍ଦେଶ ଦେଲେ ବାଇଡେନ



ନୂଆଦିଲ୍ଲୀ, ୧୩।୨(ପି.ଏନ) କାନାଡା ଓ ଆଲାସ୍କା ପରେ ଆମେରିକା ଆକାଶରେ ଦେଖିବାକୁ ମିଳିଲା ଏକ ଅଜ୍ଞାତ ବସ୍ତୁ । ଗତ ସପ୍ତାହରେ ଚ଼ୀନ୍‌ର ଏକ ଗୁପ୍ତଚ଼ର ବେଲୁନ ଆମେରିକାର ବାୟୁ ସୀମାରେ ପ୍ରବେଶ କରିଥିବା ବେଳେ ଆମେରିକା ତାହାକୁ ଗୁଳି କରି ଖସାଇଥିଲା । ଗତକାଲି ପୁଣି ଏକ ସନ୍ଦେହଜନକ ବସ୍ତୁ ଲେକ୍ ହୁରାନ ଆକାଶରେ ଉଡୁଥିବା ଦେଖାଯାଇଥିଲା । ତାହାକୁ ତତ୍‌କ୍ଷଣାତ ଗୁଳି କରି ଖସାଇ ଦିଆଯାଇଛି । ଉତ୍ତର ଆମେରିକାର ପାଞ୍ଚଟି ବୃହତ୍ତମ ହ୍ରଦ ମଧ୍ୟରୁ ହୟୁରନ୍ ହ୍ରଦ ଅନ୍ୟତମ । ଏହା ଆମେରିକା-କାନାଡା ସୀମାରେ ଅବସ୍ଥିତ । ଏହି ସନ୍ଦେହଜନକ ବସ୍ତୁ ଆମେରିକା ଆକାଶରେ ଉଡୁଥିବା ଜଣାପଡିବା ପରେ ତାହାକୁ ତୁରନ୍ତ ଗୁଳି କରି ଖସାଇବା ନିମନ୍ତେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ତୁରନ୍ତ ତାହାକୁ ଖସାଇ ଦିଆଯାଇଥିଲା । ଉକ୍ତ ସନ୍ଦେହଜନକ ବସ୍ତୁଟି ୮ କୋଣ ବିଶିଷ୍ଟ ହୋଇଥିବା ବେଳେ ସେଥିରେ ତାର ଝୁଲୁଥିଲା ।ଆମେରିକାର ବାୟୁ ସୀମା ମଧ୍ୟରେ ଉଡୁଥିବାରୁ ଏହି ବସ୍ତୁଟି ଆମେରିକାର ଘରୋଇ ବିମାନ ଚ଼ଳାଚ଼ଳ ଉପରେ ପ୍ରଭାବ ପକାଇବା ଆଶଙ୍କା ରହିଥିଲା । ଏହି ଫ୍ଲାଇଙ୍ଗ ବସ୍ତୁକୁ ଗୁଳି କରି ଖସାଯିବା ପରେ ଉତ୍ତର ଆମେରିକାର ଏରୋ ସ୍ପେସ୍ ଡିଫେନ୍ସ କମାଣ୍ଡ ଏହି ଆକାଶ ମାର୍ଗରେ ବିମାନ ଉଡ଼ାଣ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ବାୟୁସେନା ପକ୍ଷରୁ କଡା ଯାଞ୍ଚ ପରେ ଏହି ପ୍ରତିବନ୍ଧକ ହଟାଯାଇଥିଲା ।

## କୋଭିଡ ସମୟର ରିଲିଫ୍ ଚାଉଳକୁ ନେଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି ବିଜେଡି: ବିଜେପି

ଭୁବନେଶ୍ୱର, ୧୩।୨(ପି.ଏନ): ନିଜେ କରିଥିବା ଦୋଷ ଓ ପାପକୁ ଅନ୍ୟ ମୁଣ୍ଡରେ ଲଦି ଦେଇ ଓଡିଶାବାସୀଙ୍କୁ ବାରମ୍ବାର ପ୍ରତାରିତ କରିଚାଲିଛି ଶାସକ ବିଜୁ ଜନତା ଦଳ । ବିଜେଡି ନିଜେ କରୁଥିବା ଚଂଚକତା, ଦୁର୍ନୀତି, ଭ୍ରଷ୍ଟାଚାରର ଅଠା ଅନ୍ୟ ମୁଣ୍ଡରେ ପୋଛିଦେଉଛି ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ପ୍ରଶ୍ନ କରିଛନ୍ତି ।ସୋମବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଚାଉଳକୁ ଆୟୁଧ କରି ବିଜେଡି ୨-୨ ଥର ନିର୍ବାଚନ ବୈତରଣୀ ପାରହୋଇଛି । ୨୦୦୯-୧୪ ମସିହା ପର୍ଯ୍ୟନ୍ତ କେନ୍ଦ୍ର ସରକାର ରାଜ୍ୟର ୩୬ଲକ୍ଷ ବିପିଏଲ ପରିବାରଙ୍କୁ ୩୫ କେଜି ଲେଖାଏଁ ଚାଉଳ ଦେଉଥିଲେ, କିନ୍ତୁ ଗରୀବଙ୍କ ପେଟରେ ଲାତ ମାରି ୧୦ କେଜି ଚାଉଳ କାଟି ୨୫ କେଜି ଦେଉଥିବା ସରକାର ହେଉଛି ବିଜେଡି ସରକାର । ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ରାଜ୍ୟର ସମସ୍ତ ୩.୨୫ କୋଟି ଲୋକଙ୍କୁ ୫ କେଜି ଚାଉଳ ମାତ୍ର ଟଙ୍କାକରେ ଯୋଗାଇ ଦେଲେ । ଏଥିରେ ରାଜ୍ୟ ସରକାରଙ୍କ ଅବଦାନ ୨ ଟଙ୍କା ହୋଇଥିବାବେଳେ ଅବଶିଷ୍ଟ ୨୮ ଟଙ୍କା କେନ୍ଦ୍ର ସରକାର ନିଜେ ବହନ କରୁଥିଲେ । ଏହି ସମୟରେ ବିଜେଡି ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ମାଗଣାରେ ୫ କେଜି ଚାଉଳ ଯୋଗାଇ ଦେବେ ବୋଲି ଘୋଷଣା କରି ପ୍ରଥମେ ହାଇକୋର୍ଟରେ ୩୪ ଲକ୍ଷ ଲୋକଙ୍କୁ ଦେବେ ବୋଲି ସତ୍ୟପାଠ କରିଥିବାବେଳେ ପରବର୍ତ୍ତୀ ସମୟରେ ପ୍ରଚାର ପତ୍ର ଓ ବିଜ୍ଞାପନ ଜରିଆରେ ୨୫ ଲକ୍ଷ ଏବଂ ପରେ ବିଧାନସଭାରେ ୮ ଲକ୍ଷ ଲୋକଙ୍କୁ ଚାଉଳ ଯୋଗାଉଛୁ ବୋଲି କହିଲେ ।୨୦୧୪ମସିହାରେ ଭାରତ ସରକାର ଓଡ଼ିଶାରୁ ମାତ୍ର ୩୦ଲକ୍ଷ ମେଟ୍ରିକ ଟନ୍ ଧାନ କିଣୁଥିବାବେଳେ ୨୦୨୧-୨୨ରେ ୭୫ମେଟ୍ରିକ ଟନ୍ ଧାନ କିଣୁଛନ୍ତି । ବୈଶ୍ୱିକ ମହାମାରୀ କରୋନା ସଂକଟ ସମୟରେ ସ୍ୱତନ୍ତ୍ର ରିଲିଫ ଭାବେ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ୫ କେଜି ଚାଉଳ ସହିତ ୧ କେଜି ଡାଲି ଯୋଗାଇ ଦେଲେ ମୋଦି ସରକାର । ଏଥିରେ ଓଡିଶାର ୩.୨୫ କୋଟି ଲୋକ ମଧ୍ୟ ଉପକୃତ ହେଲେ । କରୋନା ସଂକଟ ଆରମ୍ଭରୁ ସମାପ୍ତ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ହିତାଧିକାରୀ ସର୍ବମୋଟ ୧୦ କେଜି ଚାଉଳ ଏବଂ ୧ କେଜି ଡାଲି ପାଇଲେ । ଏହାକୁ ମଧ୍ୟ ବିଜେଡି ସରକାର "ଆମେ ଦେଉଛୁ" ବୋଲି ମିଛ ପ୍ରଚାର କରି ପ୍ରତାରିତ କଲେ । କରୋନା ଶେଷ ହେବା ପରେ ସ୍ୱତନ୍ତ୍ର ଭାବେ ମିଳୁଥିବା ମାଗଣା ରିଲିଫ୍ ଚାଉଳ ବନ୍ଦ ହେଲା ଏବଂ ଐତିହାସିକ ନିଷ୍ପତିକ୍ରମେ ମୋଦି ସରକାର ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନାରେ ମିଳୁଥିବା ଚାଉଳକୁ ସଂପୂର୍ଣ୍ଣ ମାଗଣା କରିଦେଲେ । କାଳିଆ ଯୋଜନାରେ ୧୦ହଜାର ଟଙ୍କାର ସହାୟତା ଦେବାକୁ କହି ୬ହଜାର ଦେଲେ । ସୋହେଲା ସଭାରେ ଚାଷୀଙ୍କୁ ୧୦୦ଟଙ୍କାର ବୋନସ କିନ୍ତୁ ଦେଲେ ନାହିଁ । କେନ୍ଦ୍ରର ଯୋଜନାକୁ ବିଜୁ ଜନତା ଦଳ ସଦାସର୍ବଦା ବାଟମାରଣାରେ ସିଦ୍ଧହସ୍ତ ହାସଲ କରିଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ଭୋଟ ନଦେଲେ ତାଲିକାରୁ ବାଦ୍ ଦିଆଯିବ ବୋଲି ଗରିବ ଲୋକଙ୍କୁ ଧମକ୍ ଚମକ୍ ଦେବାକୁ ମଧ୍ୟ ଶାସକ ବିଜେଡି ନେତା ଓ କର୍ମୀ ପଛାଇଲେ ନାହିଁ । ବରଂ ଗରୀବଙ୍କ ପାଇଁ ଆସୁଥିବା ଚାଉଳକୁ ଦଳୀୟ ନେତା ଓ କର୍ମୀମାନେ ମିଳିମିଶି ହଡପ୍ କରୁଥିଲେ ଏବଂ ହୀନ ରାଜନୀତି କରୁଥିଲେ । ୨୦୧୪ମସିହାରେ ଭାରତ ସରକାର ଓଡ଼ିଶାରୁ ମାତ୍ର ୩୦ଲକ୍ଷ ମେଟ୍ରିକ ଟନ୍ ଧାନ କିଣୁଥିବାବେଳେ ୨୦୨୧-୨୨ରେ ୭୫ମେଟ୍ରିକ ଟନ୍ ଧାନ କିଣୁଛନ୍ତି । ୧ ଟଙ୍କିଆ ଚାଉଳ ବାବଦକୁ ୧୨୩୫କୋଟି ଟଙ୍କା ଖର୍ଚ୍ଚ ହେଉଥିବାର ରାଜ୍ୟ ସରକାର ବିଧାନସଭାରେ କହିଥିଲେ । "ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା" ନାଁରେ ପ୍ରତ୍ୟେକ ପରିବାରକୁ ମାଗଣା ଚାଉଳ ଘୋଷଣା ଦିଆଯିବା ପରେ ଚାଉଳ ରାଜନୀତି କରୁଥିବା ବିଜେଡି ଛାତିରେ ଛନକା ପଶିଛି । ବଂଚିଥିବା ୧୨୩୫ କୋଟି ଟଙ୍କାରେ ଆଉ କିଛି ଟଙ୍କା ମିଶାଇ ରାଜ୍ୟ ସରକାର ୩.୨୫ କୋଟି ଲୋକଙ୍କୁ ମାଗଣାରେ ଚାଉଳ ଦେବାରେ କଣ ଅସୁବିଧା ରହିଛି ବୋଲି ପ୍ରଶ୍ନ କରିବା ସହ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାରେ ଛନ୍ଦି ହୋଇପଡିଥିବା ଶାସକ ବିଜେଡି ଭ୍ରମିତ କରିବା ପାଇଁ ସୁଆଙ୍ଗ କରୁଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ଓ ଅନୀଲ ବିଶ୍ୱାଳ ଏବଂ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଟିଏମସି ନେତା ବାବୁଲ ସୁପ୍ରିୟୋ ହସ୍ପିଟାଲରେ ଭର୍ତ୍ତି, ଛାତିରେ ଯନ୍ତ୍ରଣା ହୋଇଥିବା ସୂଚନା

କୋଲକାତା: ପଶ୍ଚିମବଙ୍ଗ ସରକାରରେ ମନ୍ତ୍ରୀ ତଥା ଟିଏମସି ନେତା ବାବୁଲ ସୁପ୍ରିୟୋଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଛାତିରେ ଯନ୍ତ୍ରଣା ଅନୁଭବ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରବିବାର ରାତିରୁ ହିଁ ତାଙ୍କ ଛାତିରେ ଯନ୍ତ୍ରଣା ହେଉଥିବା ଜଣାପଡିଛି । କୋଲକାତାର ଏକ ମଲ୍ଟିସ୍ପେସିଆଲିଟି ହସ୍ପିଟାଲରେ ତାଙ୍କର ଚ଼ିକିତ୍ସା କରାଯାଉଛି ।ଖବର ଅନୁସାରେ ବାବୁଲ ସୁପ୍ରିୟୋଙ୍କ ଇସିଜିରେ ହାଲୁକା ପରିବର୍ତ୍ତନ ଦେଖିବାକୁ ମିଳିଛି, ଅନ୍ୟପଟେ ଇକୋକାର୍ଡିୟୋଗ୍ରାଫି ସାଧାରଣ ରହିଛି । ଏହାପରେ ତାଙ୍କର ଇଞ୍ଜିୟୋଗ୍ରାଫି କରାଯାଇଥିଲା, ଏଥିରେ ସାମାନ୍ୟ କୋରୋନରୀ ଅର୍ଟରୀ ଥିବା ଜଣାପଡିଛି । ଡାକ୍ତରଙ୍କ କହିବା ଅନୁସାରେ ଚ଼ିକିତ୍ସା ପାଇଁ ଅପରେସନର ଆବଶ୍ୟକତା ପଡିବ ନାହିଁ, ଔଷଧରେ ହିଁ ସେ ଭଲ ହୋଇଯିବେ । ଖୁବଶୀଘ୍ର ତାଙ୍କୁ ହସ୍ପିଟାଲରୁ ଡିସର୍‌ଚ଼ାଜ କରାଯିବ । ବାବୁଲ ସୁପ୍ରିୟୋ ୯୦ ଦଶନ୍ଧିର ଜଣେ ଲୋକପ୍ରିୟ କଣ୍ଠଶିଳ୍ପୀ । ଅନେକ ହିଟ୍ ଗୀତ ଗାଇବା ପରେ ସେ ରାଜନୀତିରେ ଯୋଗ ଦେଇଥିଲେ । ପ୍ରଥମେ ସେ ବିଜେପିରେ ଯୋଗ ଦେଇ ସଂସଦକୁ ନିର୍ବାଚ଼ିତ ହୋଇଥିଲେ ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୩ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ । -ପ୍ରକାଶକ








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହେିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ପ୍ରକୃତ ଭକ୍ତିର ଲକ୍ଷଣ !



ସନ୍ତୋଷ, ମନର ତୁଷ୍ଟିର ଅନ୍ୟ ଏକ ନାମ। ଏ ଦୃଶ୍ୟମାନ ଜଗତରେ ସବୁ କିଛି ସଂକଳ୍ପ ଶକ୍ତିର ଫଳ। ମଣିଷର ଜୀବନ ତାର ଚିନ୍ତାଧାରା ଉପରେ ନିର୍ଭର କରେ। ଜୀବନ ଅନେକ ପ୍ରକାର କର୍ମର ସମାହାର। ସଂକଳ୍ପ ଅତି ବଳବାନ। ଏହା ମଣିଷକୁ ମନର ଗୋଟିଏ ଅବସ୍ଥାରୁ ଆଉ ଏକ ଅବସ୍ଥାକୁ ଘେନି ଯାଇପାରେ। ଏହା ଗୋଟିଏ ପ୍ରକାର ମଣିଷକୁ ଆଉ ଏକ ପ୍ରକାର ମଣିଷ କରି ଦେଇପାରେ। ପୁରାକାଳରେ ଋଷିମାନେ ପ୍ରଥମାବସ୍ଥାରେ ସାଧାରଣ ଲୋକ ହିସାବରେ ଥିଲେ। କେବଳ ତାଙ୍କ ସଂକଳ୍ପ ବଳରେ ସେମାନେ ମହାନ ଲୋକ ହୋଇ ପାରିଥିଲେ। ସଂକଳ୍ପ ଶକ୍ତି ବଳରେ ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକି ହୋଇ ପାରିଥିଲେ। ସେହି ଶକ୍ତି ବଳରେ ରାମକୃଷ୍ଣ, ରାମକୃଷ୍ଣ ପରମହଂସ ହୋଇ ପାରିଥିଲେ। ଦୁଇ ପ୍ରକାର ସଂକଳ୍ପ ଅଛି। ଗୋଟିଏ ଦୂଷିତ ଓ ଅନ୍ୟଟି ପବିତ୍ର। ପବିତ୍ର ସଂକଳ୍ପ ବଳରେ ମାନବ କଲ୍ୟାଣ ଭଳି ସତକର୍ମ ମାନ ସାଧିତ ହୋଇପାରେ। ଦୂଷିତ ସଂକଳ୍ପରେ ଈର୍ଷା, ଘୃଣା, ସମାଲୋଚନା ପ୍ରଭୃତି ଭରି ରହିଥାଏ। ମଣିଷ ସ୍ୱଭାବର ଦୁଇଟି ପାଖ ଅଛି। ଗୋଟିଏ ପାଶବିକ ଓ ଅନ୍ୟଟି ଦୈବୀ। ମଣିଷ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ଷଡ଼ରିପୁଙ୍କ ଦ୍ୱାରା ଆକ୍ରାନ୍ତ। ମଣିଷ ତା'ଠାରେ ଥିବା ସୁପ୍ରବୃତ୍ତିକୁ ଭଲ କାମରେ ଲଗାଉ ନାହିଁ। ସୁଫଳ ସୃଷ୍ଟି କରୁଥିବା ସତକର୍ମମାନ ଓ ଈଶ୍ୱରଙ୍କ ପ୍ରତି ଉତ୍ସର୍ଗୀକୃତ ଜୀବନ ଦ୍ୱାରା ମାନବ ମାଧବକୁ ରୂପାନ୍ତରିତ ହୋଇଯାଇପାରେ। ଏ ମାର୍ଗରୁ ଦୂରେଇ ଗଲେ ସେ ଭୁଲ କରି ବସେ ଓ ପରିଶେଷରେ ଆସୁରି ପ୍ରବୃତ୍ତି ସମ୍ପନ୍ନ ହୋଇଯାଏ।

ମଣିଷର ଦେହକୁ ଗୋଟିଏ ରଥ ସହ ଓ ଆତ୍ମାକୁ ରଥର ସାରଥି ସହ ତୁଳନା କରାଯାଇପାରେ। ମଣିଷ ଭିତରୁ ଉପୁଜୁଥିବା ଭଲ ଓ ମନ୍ଦ ଚିନ୍ତା ଗୁଡ଼ିକ ପାଇଁ କାରଣ ମଧ୍ୟ ଅଛି। ଏକ ପାଖରେ କାରଣ ଓ ଅନ୍ୟ ପାଖରେ ଫଳାଫଳ। କାରଣ ଓ ଫଳାଫଳ ମଧ୍ୟରେ ଥିବା ସମ୍ପର୍କ ଅବର୍ଣ୍ଣନୀୟ। ସେମାନେ ପରସ୍ପର ନିର୍ଭରଶୀଳ, ଗୋଟିଏ ନଥିଲେ ଅନ୍ୟଟି ରହି ପାରିବ ନାହିଁ। କାରଣ ବିନା କୌଣସି ଘଟଣା ଘଟି ନପାରେ। କିନ୍ତୁ ଗୋଟିଏ କଥା ଅଛି ଯାହା କୌଣସି ହେତୁ ନଥାଇ ମଧ୍ୟ ପ୍ରବେଶ କରିଯାଏ। ତାହା ହେଉଛି ଅହଂଭାବ। ଅହଂଭାବ ଯୋଗୁଁ ମଣିଷ ଅନୁଭବ କରେ ଯେ ତା ସମକକ୍ଷ ଆଉ କେହିନାହିଁ। ଏହାଦ୍ୱାରା ସେ ନିଜକୁ ଭୁଲି ଯାଏ। ଅହଂକାରର ଏଭଳି ଶକ୍ତି। ଅହଂପୂର୍ଣ୍ଣ ଲୋକ କ'ଣ ଠିକ କ'ଣ ଭୁଲ ତାହା ଜାଣି ପାରେନାହିଁ। ସେ ଗୋଟିଏ ପଶୁ ତଥା ଅସୁର ଠାରୁ ବି ହୀନ ହୋଇଯାଏ। ଏହି ଅହଂକାର ବିନାଶ କରିବା ପାଇଁ ଆମକୁ ଆମର ସମସ୍ତ ମନ୍ଦ ଗୁଣ ଗୁଡ଼ିକୁ ହୋମାଗ୍ନିରେ ଉତ୍ସର୍ଗ କରି ଦେବାକୁ ପଡ଼ିବ।

ଆମଠାରେ ଯଦି ସାମାନ୍ୟ ମାତ୍ର ପରିବର୍ତ୍ତନ ନ ଆସିଲା, ତେବେ ଜୀବନ ବୃଥାରେ ନଷ୍ଟ ହୋଇଗଲା ବୋଲି ଜାଣ। ଆଜିକାଲି ଆମେ ଗୋଟିଏ ପ୍ରକାର କଥା କହୁ ତ ଆଉ ଗୋଟିଏ ପ୍ରକାର କାମ କରୁ। ଅହଂକାର ମଣିଷ ଭିତରେ ପ୍ରବେଶ କରି ଘଟିବାକୁ ଯାଉଥିବା କଥା ସବୁ ଭୁଲାଇ ଦେଉଛି। ଆମର ପ୍ରତ୍ୟେକ ଭୁଲ ପାଇଁ, ପ୍ରତ୍ୟେକ ଅପରାଧ ପାଇଁ, ପ୍ରତିଟି ମିଥ୍ୟା ବଚନ ପାଇଁ ଫଳଭୋଗ କରିବାକୁ ପଡ଼ିବ। ତେଣୁ ସୁଗୁଣର ଅଭିବୃଦ୍ଧି କରି ମଙ୍ଗଳ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କରିବା।

**'ଯଦଭାବମ ତଦ ଭବତି।'** ଅର୍ଥାତ୍ ଆମେ ଯେମିତି ଭାବିବା ସେମିତି ହୋଇପାରିବା। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ କହିଛନ୍ତି 'କେବଳ ନିର୍ମଳ ହୃଦୟ ବ୍ୟକ୍ତିମାନେ ହିଁ ଈଶ୍ୱର ଦର୍ଶନ ଲାଭ କରନ୍ତି। ଅଧିକରୁ ଅଧିକ ଦେବୀ କୃପା ଲାଭ କରି ନେବା ପାଇଁ ହୃଦୟକୁ ବୃହତ୍ତର ବୃହତ୍ତର କର। ଛୋଟିଆ ପାତ୍ରଟିଏ ନେଇ ଯାଇ ତୁମେ ସେଥିରେ ସମୁଦ୍ରର ସମୁଦାୟ ଜଳ ନେଇ ଆସିପାରିବ ନାହିଁ। ପାତ୍ରରେ ଯାହା ଧରୁଥିବା ପରିମାଣର ଜଳ କେବଳ ପାଇ ପାରିବ। ତୁମେ ନିଜକୁ ଜଣେ ବଡ଼ ଭକ୍ତ ଓ ବହୁ ହିତକର କାର୍ଯ୍ୟରେ ସମ୍ପୃକ୍ତ ବୋଲି କହି ବିଶ୍ୱକୁ ଠକି ଠକି ଚାଲିଛ। ଜଣଙ୍କର କାର୍ଯ୍ୟ କଳାପ, ଆଚରଣ ବ୍ୟବହାରରୁ ହିଁ ପ୍ରକୃତ ଭକ୍ତି ଜଣା ପଡ଼ିବ।

**ଭବାଶିଷ ଦାସ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୯୮୬୧୧୧୮୬୭୩**

# ରାଜ୍ୟର ସମସ୍ତ ୭୫ ଲକ୍ଷ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ !

ଭୁବନେଶ୍ୱର (ପିଏନ୍)-ସମଗ୍ର ରାଜ୍ୟରେ ଚାଷୀକୁଳ ବହୁ ଦୁସ୍ଥିତି ମଧ୍ୟରେ ଗତି କରୁଛନ୍ତି। ଧାନକୁ ଛାଡ଼ି ଆଳୁ, ପିଆଜ, ଦୁଗ୍ଧ, ଅଣ୍ଡା ପ୍ରଭୃତି ଖାଦ୍ୟ ସାମଗ୍ରୀ ଉପରେ ଓଡ଼ିଶା ବାହାର ରାଜ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରିଠାରୁ ମଣ୍ଡି ଅବ୍ୟବସ୍ଥା, ଜଳସେଚନ କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି, ଫସଲ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଓ ଶସ୍ୟ ସଂଗ୍ରହ ପାଇଁ ଗୋଦାମ ଘର ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଉଭୟ ସରକାର ୨୦୨୨ ସୁଦ୍ଧା ଚାଷୀର ଆୟ ଦ୍ୱିଗୁଣ କରିବା ପାଇଁ ୫ ବର୍ଷ ତଳୁ ଡିଣ୍ଡିମ ପିଟୁଥିବା ବେଳେ ଜାତୀୟ ସ୍ତରରେ ଚାଷୀର ମାସିକ ଆୟ ୧୦ ହଜାର ଟଙ୍କା ଥିବାବେଳେ ଓଡ଼ିଶାର ଚାଷୀଙ୍କ ମାସିକ ଆୟ ବର୍ତ୍ତମାନ ମାତ୍ର ୫୧୧୨ଟଙ୍କା। ସରକାର କାଳିଆ ଓ ପିଏମ୍ କିଷାନ ଯୋଜନାରେ କୃଷକଙ୍କ ପାଇଁ ସାମୟିକ ସହାୟତା ଦେଉଥିବା ବେଳେ ଏଥିରେ ଚାଷୀକୁଳର ବିକାଶ ହେଉ ନାହିଁ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି।

ବିପର୍ଯ୍ୟସ୍ତ କୃଷି କ୍ଷେତ୍ରରେ ଉନ୍ନତି ଆଣିବାକୁ ହେଲେ ଦୀର୍ଘସ୍ଥାୟୀ କୃଷି ଭିତ୍ତିଭୂମିର ସୁଦୃଢ଼ ହେବା ଏକାନ୍ତ ଜରୁରୀ। ଯଥା - ଉତ୍ପାଦିତ କୃଷିଜାତ ଦ୍ରବ୍ୟରେ ଚାଷୀଙ୍କୁ ଉଚିତ୍ ମୂଲ୍ୟ ପ୍ରଦାନ, ଠିକଣା ସମୟରେ ବିହନ, ସାର, କୃଷିଋଣ ଓ ଫସଲବୀମା କ୍ଷତିପୂରଣ ସହାୟତା ରାଶି ଯୋଗାଇବା ସହ ସଶକ୍ତ ମଣ୍ଡି ବ୍ୟବସ୍ଥା, ସଂରକ୍ଷଣ ପାଇଁ ଶୀତଳଭଣ୍ଡାର, କୃଷିଭିତ୍ତିକ ଶିଳ୍ପ ଯଥା- ତେଲ କଳ, ସୂତା କଳ, ଆଖୁ କଳ, ଖାଦ୍ୟ ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ସହ କୃଷିଜାତ ଦ୍ରବ୍ୟ ରପ୍ତାନୀ ବ୍ୟବସ୍ଥା କରାଯିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ପ୍ରତିଶ୍ରୁତି ଅନୁଯାୟୀ କାଳିଆ ଯୋଜନାରେ ରାଜ୍ୟର ୭୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ ହେବା କଥା, ହେଲେ ବର୍ତ୍ତମାନ ୫୩ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାର ବର୍ଷକୁ ଦୁଇଟି କିସ୍ତିରେ ଚାଷୀଙ୍କୁ ୧୦ ହଜାର ଟଙ୍କା ସହାୟତା ଦେବାପାଇଁ ଘୋଷଣା କରିଥିବା ବେଳେ ଏବେ ଦୁଇଟି କିସ୍ତିରେ ମୋଟ ୪ ହଜାର ଟଙ୍କା ଦେଉଛନ୍ତି। ଅନୁରୂପ ଭାବେ କେନ୍ଦ୍ର ସରକାର ତିନୋଟି କିସ୍ତିରେ ବର୍ଷକୁ ୬ ହଜାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏବେ ଓଡ଼ିଶାର ୭୫ ଲକ୍ଷ ଚାଷୀଙ୍କ ମଧ୍ୟରୁ ୩୯ ଲକ୍ଷ ଚାଷୀଙ୍କୁ ପିଏମ କିଷାନରେ ଅନ୍ତର୍ଭୁକ୍ତ କରିଛନ୍ତି। ତେବେ ରାଜ୍ୟର ଆଉ ୨୨ ଲକ୍ଷ ଏବଂ କେନ୍ଦ୍ରର ୩୬ ଲକ୍ଷ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିନାହାନ୍ତି କାହିଁକି ବୋଲି ଶ୍ରୀ ପଟ୍ଟନାୟକ ଉଭୟ ସରକାରଙ୍କଠାରେ ଶ୍ୱେତପତ୍ର ପ୍ରକାଶ ପାଇଁ ଦାବୀ କରିଛନ୍ତି। ବିଜେଡ଼ି ସରକାରର ୨୨ ବର୍ଷ ଶାସନକାଳ ମଧ୍ୟରେ ରାଜ୍ୟରେ ବଡ଼ଚାଷୀ, କ୍ଷୁଦ୍ର ଓ ମଧ୍ୟମ, ନାମମାତ୍ର, ଭାଗଚାଷୀ, କୃଷି ଶ୍ରମିକ ଓ କୃଷିଜୀବି ମହିଳାଙ୍କ ସଂଖ୍ୟା କେତେ ଏହାର ତାଲିକା ପ୍ରସ୍ତୁତ କରାଯାଇପାରିଲା ନାହିଁ। ରାଜ୍ୟର ମୋଟ ଜନସଂଖ୍ୟାର ୭୦ ପ୍ରତିଶତ ହେଲେ ଚାଷୀ। ତଦନୁଯାୟୀ ସରକାର ବାଦ୍ ପଡ଼ିଥିବା ଚାଷୀଙ୍କୁ କାଳିଆ ଏବଂ ପିଏମ୍ କିଷାନ ଯୋଜନାରେ ତୁରନ୍ତ ଅନ୍ତର୍ଭୁକ୍ତ କରିବା ସହ ବାସ୍ତବ କ୍ଷେତ୍ରରେ ଚାଷୀର ଆୟ ବୃଦ୍ଧି ପାଇଁ ଏକ ଦୀର୍ଘସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି। ନଚେତ୍ ଆଗାମୀ ଦିନରେ କିଷାନ କଂଗ୍ରେସ ପକ୍ଷରୁ ଉଭୟ ସରକାରଙ୍କ ବିରୁଦ୍ଧରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ଲୁହା ପ୍ଲେଟ ଚୋରି ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାଲିକୁଦିଆ ଠାରେ ନିର୍ମାଣାଧିନ ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୁହାପ୍ଲେଟ୍ ଚୋରୀ ଘଟଣାରେ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବାଲିକୁଦିଆ ଅଂଚଳର ପ୍ରଦୀପ ମଲିକ ବୋଲି ଜଣାଯାଇଛି। ସୂଚନା ମୁତାବକ ଗତକାଲି ରାତିରେ କିଛି ଦୁର୍ବୃତ୍ତ ବାଲିକୁଦିଆ ଠାରେ ନିର୍ମାଣାଧିନ ମେଗାପାନୀୟ ଜଳ ଯୋଗାଣ ପ୍ରକଳ୍ପ ସାଇଟରେ ପସି ଲୁହା ପ୍ଲେଟ ଚୋରୀ କରିନେଇଥିଲେ। ଏନେଇ କମ୍ପାନୀର କର୍ମଚାରୀ ଚନ୍ଦନ କୁମାର ଧଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୨୪୫/୨୨ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇ ବାଲିକୁଦିଆ ଗ୍ରାମର ପ୍ରଦୀପକୁ ଗିରଫ କରିବା ସହ ତା' ନିକଟରୁ ଚୋରୀ ହୋଇଥିବା ୮୦ କେଜି ଲୁହା ପ୍ଲେଟ ଜବତ କରିଛି। ଅଭିଯୁକ୍ତ ପ୍ରଦୀପକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ଏବଂ ଏହି ଚୋରୀ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ ଶିଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଭାଉଜଙ୍କୁ ଅସଦାଚରଣ, ଦିଅର ଗିରଫ

ଧର୍ମଶାଳା (ପିଏନ୍): ନିଜ ଭାଉଜଙ୍କୁ ଅସଦାଚରଣ ଓ ଝିଆରୀକୁ ମାଡ଼ମାରିବା ଅଭିଯୋଗରେ ଧର୍ମଶାଳା ଥାନା ଅନ୍ତର୍ଗତ ସୁନ୍ଦୁରିଆ ଗ୍ରାମର ସେକ୍ ସମଦ୍ (୨୭)କୁ ପୁଲିସ୍ ଗିରଫ କରିଛି। ଭାଉଜଙ୍କ ଏତଲାକ୍ରମେ ଏକ ମାମଲା ରୁଜୁ କରି ପୁଲିସ୍ ଦିଅର ସମଦ୍‌କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଜାମିନ୍ ନାମଂଜୁର ହେବାରୁ ସମଦ୍‌କୁ ରଗଡ଼ି ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି।

## ୪ ୱାରେଣ୍ଟି ଗିରଫ

ଧର୍ମଶାଳା (ପିଏନ୍): ବିଭିନ୍ନ ମାମଲାରେ ଫେରାର୍ ଥିବା ୪ଜଣ ୱାରେଣ୍ଟିଙ୍କୁ ଧର୍ମଶାଳା ଥାନା ପୁଲିସ୍ ଗିରଫ କରଛି। ଗିରଫ ନରସିଂହପୁର ଗ୍ରାମର ସୁଦର୍ଶନ ସାହୁଙ୍କ ପତ୍ନୀ ଗୀତାଂଜଳି ସାହୁ, ପୁଅ ସିପୁନ୍ ସାହୁ, ନେଉଳପୁର ଗ୍ରାମର ସେକ୍ ନଇମତ୍ ଓ ମହମ୍ମଦ ଇବ୍ରାହିଲ୍‌ଙ୍କୁ ପୁଲିସ୍ ଗତକାଲି ଚଣ୍ଡିଖୋଲ ଚାଲାଣ କରିଥିବା ଜଣାପଡ଼ିଛି।

## ଟିପର ଚୋରି ଅଭିଯୋଗ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବାରକଣା ଗାଁ ନିକଟରୁ ଏକ ଟିପର(ଟ୍ରକ୍) ଗାଡି ଚୋରୀ ହୋଇଥିବା ନେଇ ଜେନାପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ବାରକଣା ଗ୍ରାମର ମୋହନ ସାହୁଙ୍କ ପୁଅ ଚଲାଉଥିବା ଓଆର ୦୪-ଇ-୧୩୧୮ ନଂ ଟିପର ଗାଡିକୁ ଗତକାଲି ତାଙ୍କପୁଅ ଗାଁ ନିକଟରେ ରଖି ରାତିରେ ଘରେ ଶୋଇପଡିଥିବା ବେଳେ କେହି ଦୁର୍ବୃତ୍ତ ରାତିରେ ଟିପରଟିକୁ ଚୋରୀ କରିନେଇଥିବା ସକାଳେ ଜଣାପଡିଥିଲା। ଏନେଇ ମୋହନ ଜେନାପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଜେନାପୁର ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ସତ୍ୟର ନୀରବ ସାଧକ ପ୍ରଫେସର ବି.ବି. ଲାଲ

ଡ. ସମନ୍ୱୟ ନନ୍ଦ



ଦେଶର ଖ୍ୟାତନାମା ପ୍ରତ୍ନତତ୍ୱବିତ ପ୍ରଫେସର ବିବି ଲାଲ ଆଉ ନାହାନ୍ତି। ୧୦୧ ବର୍ଷ ବୟସରେ ସେ ତାଙ୍କର ଶେଷନିଃଶ୍ୱାସ ନେଇଛନ୍ତି। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଅନେକ ମାନ୍ୟଗଣ୍ୟ ଲୋକମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବାର ପ୍ରମାଣ ହେଉ, ଇଂରେଜଙ୍କ ଦ୍ୱାରା ଦିଆଯାଇଥିବା ଅତ୍ୟନ୍ତ ଅବୈଜ୍ଞାନିକ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ ବିରୁଦ୍ଧରେ ଅକାଟ୍ୟ ତର୍କ ପ୍ରଫେସର ଲାଲ ଦେଇଥିଲେ।

ଇଂରେଜମାନେ ସେମାନଙ୍କର ଔପନିବେଶିକ ସ୍ୱାର୍ଥର ପୂର୍ତ୍ତି କରିବାକୁ ଓ ସେମାନଙ୍କର ଶାସନକୁ ଦୀର୍ଘସ୍ଥାୟୀ କରିବାକୁ ଶିକ୍ଷା, ଇତିହାସ ଏପରିକି ପ୍ରତ୍ନତତ୍ୱକୁ ବ୍ୟବହାର କରିଥିଲେ। ଇଂରେଜମାନେ ବିଶେଷ ଭାବେ ଇତିହାସ ଓ ପ୍ରତ୍ନତତ୍ୱର ବ୍ୟବହାର ସତ୍ୟ ଜଣାଇବାକୁ କରୁ ନ ଥିଲେ ବରଂ ସେମାନେ ଏଗୁଡିକର ବ୍ୟବହାର ଭାରତର ଜନମାନସରେ ହଜାର ହଜାର ବର୍ଷ ଧରି ଅଂକିତ ଥିବା ତଥ୍ୟକୁ ଭୁଲ ବୋଲି ପ୍ରମାଣିତ କରିବାକୁ କରି ଆସିଥିଲେ। ଏପରି କରିବା ପଛରେ ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତୀୟମାନଙ୍କ ମନରେ ହୀନମନ୍ୟନତାର ଭାବନା ସୃଷ୍ଟି କରିବା। ଯେଉଁ ଜାତି ମନରେ ହୀନମନ୍ୟତାର ଭାବନା ସୃଷ୍ଟି ହୋଇଯାଏ, ଯେଉଁ ଜାତି ଆତ୍ମହୀନତାର ଶିକାର ହୋଇଯାଏ, ତା' ଉପରେ ଶାସନ କରିବା ଖୁବ ସହଜ ହୋଇଥାଏ। ଯେଉଁ ଜାତି ତାର ଇତିହାସରୁ ପ୍ରେରଣା ଲାଭ କରେ ଓ ଭୁଲରୁ ଶିକ୍ଷା ଗ୍ରହଣ କରିଥାଏ ସେହି ଜାତି ଉପରେ ଦୀର୍ଘ ସମୟ ଧରି ଶାସନ କରିବା ସମ୍ଭବ ହୋଇ ନ ଥାଏ। ଗୋରା ଇଂରେଜ ଧୂର୍ତ୍ତମାନେ ଏହାକୁ ଭଲ ଭାବେ ଜାଣିଥିଲେ।

ଏହି କାରଣରୁ ଇଂରେଜମାନେ ଭାରତରେ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ, ରାମାୟଣ-ମହାଭାରତ ଆଦି ଭାରତର ଇତିହାସ ନୁହେଁ ବରଂ ଏହାକୁ ମାଇଥୋଲୋଜି ବୋଲି ପ୍ରଚାରିତ କରି ଆସୁଥିଲେ। ଭାରତ ସ୍ୱାଧୀନ ହେବା ପରେ ଏହି ଦୃଷ୍ଟି ବଦଳି ଯିବାର ଆବଶ୍ୟକତା ଥିଲା। ହେଲେ ଦୁର୍ଭାଗ୍ୟର ବିଷୟ ଯେ ଭାରତ ସରକାର ଓ ଭାରତ ସରକାରଙ୍କ ଦ୍ୱାରା ଗଠିତ ସଂସ୍ଥାମାନଙ୍କରେ ଏଥିରେ କୌଣସି ପ୍ରକାର ପରିବର୍ତ୍ତନ ଆସି ନଥିଲା। ସେମାନେ ଏଥିରେ ଭାରତୀୟ ଦୃଷ୍ଟିକୋଣ ଆଣିବା ପରିବର୍ତ୍ତେ ମଧ୍ୟ ଇଂରେଜମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଔପନିବେଶିକ ନ୍ୟାରେଟିଭକୁ ହିଁ ଆଗକୁ ବଢାଇଥିଲେ। ଏହି ସଂସ୍ଥାମାନଙ୍କରେ ବାମପନ୍ଥୀମାନଙ୍କ ପ୍ରବେଶ କାରଣରୁ ଭାରତ ସ୍ୱାଧୀନ ହେବାପରେ ମଧ୍ୟ ସ୍କୁଲର ପାଠ୍ୟକ୍ରମରେ ଆର୍ଯ୍ୟମାନେ ବାହାରୁ ଆସିଥିଲେ ଭଳି ମିଥ୍ୟା ସିଦ୍ଧାନ୍ତଗୁଡିକୁ ପଢାହୋଇ ଆସୁଥିଲା। ହେଲେ ପ୍ରସିଦ୍ଧ ପ୍ରତ୍ନତତ୍ୱବିତ ପ୍ରଫେସର ବି.ବି. ଲାଲ ଜଣେ ଏପରି ସତ୍ୟର ସାଧକ ଥିଲେ ଯିଏ ଏହି ସମସ୍ତ ବାମପନ୍ଥୀ ଓ ଔପନିବେଶିକ ଥ୍ୟୋରୀ ଗୁଡିକୁ ନିଜର ବୈଜ୍ଞାନିକ ପ୍ରତ୍ନତାତ୍ୱିକ ଅନୁସନ୍ଧାନ ଆଧାରରେ ଧରାଶାୟୀ କରିଥିଲେ। ସେ ତାଙ୍କର ଅନେକ ଦଶନ୍ଧି ଧରି ପ୍ରତ୍ନତାତ୍ୱିକ କାମରେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିଥିଲେ। ଏହାମଧ୍ୟରୁ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ ହେଲା ଯେ ସେ ଅଯୋଧ୍ୟାରେ ବାବରୀ ଢାଂଚା ତଳେ ମନ୍ଦିର ଥିବା କଥା କହିଥିଲେ। ଏହାଫଳରେ ବାମପନ୍ଥୀ ତଥା ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକମାନଙ୍କଠାରୁ ତାଙ୍କୁ ଅନେକ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା। ଇତିହାସ କ୍ଷେତ୍ରରେ ଏହି ବାମପନ୍ଥୀ ଐତିହାସିକମାନଙ୍କର ପ୍ରଭାବ ଖୁବ ଅଧିକ ରହି ଆସିଛି। ସେମାନେ ସରକାର ଓ ଶାସନର ସଂରକ୍ଷଣରେ କଳାକୁ ଧଳା କରିବା ଓ ଧଳାକୁ କଳା କରିବା କାମ ଲଗାତାର ଭାବେ କରି ଆସିଛନ୍ତି। ସେମାନେ ଭାରତର ରାଜା ସେମାନଙ୍କର ଶାସନ ବ୍ୟବସ୍ଥା ସେମାନଙ୍କ ସମୟର ସମାଜ ବ୍ୟବସ୍ଥାକୁ 'ଜହାଲତରେ ପରିପୂର୍ଣ୍ଣ' ବୋଲି ଘୋଷଣା କରିବା ସହ ମଧ୍ୟ-ଏସିଆରୁ ଆସିଥିବା ଆକ୍ରମଣକାରୀ ମାନେ କିପରି ଶ୍ରେଷ୍ଠ ଥିଲେ ତାହା ଲେଖି ଭାରତର ଜନମାନସକୁ ଭ୍ରମିତ କରିବାର କାମ କରି ଆସିଛନ୍ତି। ତାଙ୍କ ଦ୍ୱାରା ଦିଆଯାଇଥିବା ଥ୍ୟୋରୀ ବିରୁଦ୍ଧରେ ଯଦି କେହି ଗଲା, ତେବେ ଏକାଦେମିକ କ୍ଷେତ୍ରରେ ତାଙ୍କୁ ସମାପ୍ତ କରିଥା'ନ୍ତି। ତେଣୁ ପ୍ରଫେସର ବି. ବି. ଲାଲ ତାଙ୍କ ଟାର୍ଗେଟରେ ରହିବା ସ୍ୱାଭବିକ ଥିଲା। ଏହାସତ୍ତ୍ୱେ ପ୍ରଫେସର ବି. ବି. ଲାଲ କେବେହେଲେ ସତ୍ୟରୁ ବିଚ୍ୟୁତ ହୋଇ ନଥିଲେ। ପ୍ରଫେସର ବି.ବି. ଲାଲ ଅନେକ ମହାଭାରତ ସହ ଜଡିତ ସ୍ଥଳର ଉତ୍ଖନନ କାମ କରିଥିଲେ। ସେ ୧୯୭୫ ମସିହାରେ ଆର୍କିଓଲଜି ଅଫ ଦି ରାମାୟଣ ସାଇଟ୍ସ ନାମରେ ଏକ ପ୍ରକଳ୍ପ କାମ ଆରମ୍ଭ କରିଥିଲେ। ଏହି ପ୍ରକଳ୍ପରେ ସେ ରାମାୟଣ ସହ ଜଡିତ ବିଭିନ୍ନ ସ୍ଥାନ ଅଯୋଧ୍ୟା, ଭରଦ୍ୱାଜ ଆଶ୍ରମ, ନନ୍ଦୀଗ୍ରାମ, ଚିତ୍ରକୂଟରେ ଏହି ପ୍ରକଳ୍ପର ନେତୃତ୍ୱ ନେଇଥିଲେ।

ରାମ ଜନ୍ମଭୂମି ସ୍ଥଳରେ ଉତ୍ଖନନ ବେଳେ ଏହି ଟିମରେ ସାମିଲ ଥିବା (ସେତେବେଳେ ଯୁବାବସ୍ଥାରେ ଥିବା) କେ. କେ. ମୋହମ୍ମଦ ତାଙ୍କର ଗୁରୁ ଅର୍ଥାତ ବି. ବି. ଲାଲଙ୍କ ସମ୍ପର୍କରେ ଏକ ଲେଖା ଲେଖିଛନ୍ତି। ସେ କହିଛନ୍ତି ଯେ ଜନ୍ମଭୂମି ସ୍ଥଳରେ ପୂର୍ବରୁ ସେଠାରେ ମନ୍ଦିର ରହିଥିବାର ସ୍ୱଷ୍ଟ ପ୍ରମାଣ ମିଳିଥିଲା। ହେଲେ ମାର୍କସବାଦୀ ଐତିହାସିକ ମାନେ ଅଯୋଧ୍ୟା ଉତ୍ଖନନ ଓ ବିଶେଷ ଭାବେ ଏହାର ନେତୃତ୍ୱ ନେଇଥିବା ପ୍ରଫେସର ବି.ବି. ଲାଲଙ୍କ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ। କେ.କେ. ମୋହମ୍ମଦଙ୍କ କହିବା କଥା ହେଲା ଯେ ଯେଉଁ ଲୋକମାନେ ପ୍ରଫେସର ଲାଲଙ୍କ ଉପରେ ଆକ୍ରମଣ କରୁଥିଲେ ସେମାନେ ଐତିହାସିକ ଥିଲେ, ପ୍ରତ୍ନତତ୍ୱ ବିଷୟରେ କହିବାର ସେମାନେ ଅଧିକାରୀ ନ ଥିଲେ। ସେମାନଙ୍କୁ ପ୍ରତ୍ନତତ୍ୱରେ ବ୍ୟବହାର ହେଉଥିବା ଟେକ୍ନିକ ଓ ଅନ୍ୟ ବିଷୟ ଜଣା ନ ଥିଲା। ଏହାସତ୍ତ୍ୱେ ଏହି ମାର୍କ୍ସବାଦୀ ଐତିହାସିକମାନେ ପ୍ରଫେସର ଲାଲଙ୍କ ବିରୁଦ୍ଧରେ ଗଣମାଧ୍ୟମରେ ଆକ୍ରମଣ ଜାରି ରଖିଥିଲେ। କେ.କେ. ମୋହମ୍ମଦଙ୍କ କହିବା କଥା ଯେ ଏହାପରେ ଏଏସଆଇ ଓ ପ୍ରଫେସର ବି.ବି. ଲାଲଙ୍କ ଉପରେ କମ୍ୟୁନିଷ୍ଟମାନଙ୍କର ଆକ୍ରମଣ ନ କମିବା କାରଣରୁ ସେ ଗଣମାଧ୍ୟମରେ ଏହାଉପରେ ପ୍ରତିକ୍ରିୟା ଦେବାକୁ ସ୍ଥିର କଲେ। ସେ ୧୯୯୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏକ ଇଂରାଜୀ ସମ୍ବାଦପତ୍ରରେ ପତ୍ରରେ ଏକ ଲେଖା ଲେଖି କହିଲେ ଯେ ସେ ନିଜେ ଜଣେ ମୁସଲମାନ। ସେ ଖନନକାରୀ ଦଳର ଜଣେ ସଦସ୍ୟ ଥିଲେ। ବିବାଦୀୟ ଢାଂଚା ତଳେ ମନ୍ଦିରର ଭଗ୍ନାବଶେଷ ରହିଛି। ଅଯୋଧ୍ୟା ହିନ୍ଦୁମାନଙ୍କର ପବିତ୍ର ସ୍ଥଳ ହୋଇଥିବା କାରଣରୁ ମୁସଲମାନ ମାନଙ୍କୁ ସ୍ୱେଚ୍ଛାରେ ରାମ ଜନ୍ମଭୂମିକୁ ଦେଇଦେବା ଉଚିତ। ଡ. କେ.କେ. ମୋହମ୍ମଦ ଆଗକୁ ଲେଖିଲେ ଯେ ଏହା ପରେ ମାର୍କ୍ସବାଦୀ ଓ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ଐତିହାସିକମାନେ ତାଙ୍କ ପ୍ରତି ରକ୍ତମୁଖା ହୋଇପଡିଥିଲେ।

କେ.କେ. ମୋହମ୍ମଦଙ୍କ ଏହି ଲେଖା ଉପରେ କମ୍ୟୁନିଷ୍ଟ ଐତିହାସିକମାନେ ଯେଭଳି ପ୍ରତିକ୍ରିୟା ଦେଇଥିଲେ ସେଥିରୁ ବାମପନ୍ଥୀ ଐତିହାସିକମାନଙ୍କର ପ୍ରଫେସର ବି.ବି. ଲାଲଙ୍କ ପ୍ରତି କେତେ କ୍ରୋଧ ଥିଲା, ତାହା ଅନୁମାନ କରାଯାଇପାରେ। ଏହାସତ୍ତ୍ୱେ ପ୍ରଫେସର ବି. ବି. ଲାଲ ତାଙ୍କର କାମ ଜାରୀ ରଖିଥିଲେ। ସମାଲୋଚନା ତାଙ୍କୁ ତାଙ୍କ କାମରୁ ଦୂର କରିପାରି ନ ଥିଲା। ଅଯୋଧ୍ୟା ମାମଲାର ଯେତେବେଳେ ସୁପ୍ରିମକୋର୍ଟର ରାୟ ଆସିଲା ସେତେବେଳେ ସେ ଏହାର ପ୍ରତିକ୍ରିୟାରେ କହିଲେ-"ଏଏସଆଇର ନିଷ୍କର୍ସଗୁଡିକ ସୁପ୍ରିମକୋର୍ଟ ନୋଟିସରେ ନେଇଥିବାରୁ ମୁଁ ଅତ୍ୟନ୍ତ ଖୁସି।"

ଏ ସମ୍ପର୍କରେ ତାଙ୍କର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପୁସ୍ତକ 'ରାମ, ହିଜ ହିଷ୍ଟରିସିଟି, ମନ୍ଦିର ଏଣ୍ଡ ସେତୁ: ଏଭିଡେନ୍ସ ଅଫ ଲିଟରେଚର, ଆର୍କିଓଲଜି ଏଣ୍ଡ ଅଦର ସାଇନ୍ସେସ' ରହିଛି। ପ୍ରଫେସର ବି.ବି. ଲାଲ କେବଳ ରାମାୟଣ ସ୍ଥଳ ଉପରେ କାମ କରି ନାହାନ୍ତି। ସେ ମହାଭାରତ ସ୍ଥଳଗୁଡ଼ିକ ଉପରେ ମଧ୍ୟ ଦୀର୍ଘଦିନ ଧରି କାମ କରିଥିଲେ।



ପ୍ରଫେସର ବି.ବି. ଲାଲ ଜଣେ ସତ୍ୟାନ୍ୱେଷୀ ଭାବେ ତାଙ୍କର କାମ କରିଥିଲେ। ସେ ମହାଭାରତ ସହ ଜଡିତ ଅନେକ ସ୍ଥାନ ଯେପରି ମେରଠ ନିକଟରେ ହସ୍ତିନାପୁର, ମଥୁରା ଓ କୁରୁକ୍ଷେତ୍ର ଆଦି ସ୍ଥାନରେ ତଥା ଇନ୍ଦ୍ରପ୍ରସ୍ଥ ଆଦି ସ୍ଥାନରେ ପ୍ରତ୍ନତାତ୍ୱିକ ପ୍ରକଳ୍ପରେ କାମ କରିଥିଲେ। ବାମପନ୍ଥୀମାନେ ମହାଭାରତକୁ କେବଳ କପୋଳ କଳ୍ପନା କହୁଥିବା ବେଳେ ପ୍ରଫେସର ଲାଲ ମହାଭାରତର ଐତିହାସିକତାକୁ ପ୍ରମାଣିତ କରି ବାମପନ୍ଥୀ ଐତିହାସିକମାନଙ୍କ ଗାଲରେ ଶକ୍ତ ଚାପୁଡା ଲଗାଇଥିଲେ।

କେବଳ ସେତିକି ନୁହେଁ ପ୍ରଫେସର ଲାଲ ବ୍ରିଟିଶମାନଙ୍କ ଦ୍ୱାରା ଓ ପରେ ମାର୍କ୍ସବାଦୀମାନଙ୍କ ଦ୍ୱାରା ବହୁଳ ଭାବେ ପ୍ରଚାରିତ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତକୁ ଅତ୍ୟନ୍ତ ତାର୍କିକ ଭାବେ ଖଣ୍ଡନ କରିଥିଲେ। ତାଙ୍କର ଏ ସମ୍ପର୍କିତ ପୁସ୍ତକ 'ଦି ସରସ୍ୱତୀ ଫ୍ଲଜ ଅନ'। ଏହି ପୁସ୍ତକ ଜରିଆରେ ସେ ମାର୍କସବାଦୀ ଐତିହାସିକ ଆର.ଏସ. ଶର୍ମାଙ୍କ ଦ୍ୱାରା ଦିଆଯାଇଥିବା ତର୍କକୁ ଖଣ୍ଡନ କରିଥିଲେ। ଏହାକୁ ନେଇ ମଧ୍ୟ ସେ ମାର୍କସବାଦୀମାନଙ୍କ ଦ୍ୱାରା ପ୍ରବଳ ଆକ୍ରମଣ ଓ ସମାଲୋଚନାର ଶିକାର ହୋଇଥିଲେ। ଏହାସତ୍ତ୍ୱେ ପ୍ରଫେସର ଲାଲ କେବେହେଲେ ସତ୍ୟର ଅନ୍ୱେଷଣରୁ ନିଜକୁ ବିଚ୍ୟୁତ କରି ନ ଥିଲେ।

ଜୀବନବ୍ୟାପୀ ସତ୍ୟର ସାଧନା କରିଥିଲେ ପ୍ରଫେସର ଲାଲ। ସେ ଔପନିବେଶିକବାଦୀ ଢାଂଚାକୁ ଭାଙ୍ଗିବା ସହ ଭାରତୀୟ ଢାଂଚା ତିଆରି କରିବାକୁ ତାଙ୍କର ସମ୍ପୂର୍ଣ୍ଣ ଜୀବନ ଲଗାଇ ଦେଇଥିଲେ। ଏଭଳି ଜଣେ ଭାରତୀୟତାର ନୀରବ ସାଧକଙ୍କୁ ଶତ ଶତ ପ୍ରଣାମ!

# ସତ୍‌ସଙ୍ଗର ଆହ୍ୱାନ-ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ





ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ଗ୍ରନ୍ଥ ସତ୍ୟାନୁସରଣରେ ଭାରତବାସୀଙ୍କୁ ଆହ୍ୱାନ ଜଣାଇଲେ-ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇ ଉଠିଛନ୍ତି - ଋଷିଙ୍କୁ ବାଦ ଦେଇ ଋଷି ବାଦର ଉପାସନା ଆରମ୍ଭ ହୋଇଛି। ଭାରତ! ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ, ତେବେ ସମ୍ପ୍ରଦାୟଗତ ବିରୋଧ ଭୁଲି, ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧାସମ୍ପନ୍ନ ହୁଅ - ଆଉ ତୁମର ମୂର୍ତ୍ତ ଓ ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ, ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି। କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରିହିଁ ପରବର୍ତ୍ତୀଙ୍କର ଆବିର୍ଭାବ। ସମଗ୍ର ମାନବ ଜାତିକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆହ୍ୱାନ ଦେଇ କହିଲେ - ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତଡ଼ ଯେତେ ଶୀଘ୍ରପାର ଏହି ରକ୍ତ ଶୋଷଣକାରୀ ଅବସାଦ ଉତ୍ପାଦକ ବାଦୁଡ଼ିକୁ। ସ୍ମରଣ କର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାଙ୍କ ସନ୍ତାନ। ହଟି ଯିବାଟା ବରଂ ଦୁର୍ବଳତା ନୁହେଁ କିନ୍ତୁ ଚେଷ୍ଟା ନକରିବା ହିଁ ଦୁର୍ବଳତା। ତୁମେ କୌଣସି କିଛି କରିବାକୁ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ଯଦି ବିଫଳ ମନୋରଥ ହୁଅ, କ୍ଷତି ନାହିଁ ତୁମେ ଛାଡ଼ ନାହିଁ ଏହି ଅମ୍ଳାନ ଚେଷ୍ଟା ହିଁ ତୁମକୁ ମୁକ୍ତି ଆଡ଼କୁ ନେଇଯିବ। ତୁମେ କୁହନା ତୁମେ ଭୀରୁ, କୁହନା ତୁମେ କାପୁରୁଷ, କୁହନା ତୁମେ ଦୁରାଶୟ। ପିତାଙ୍କ ଆଡ଼କୁ ନଜର କର, ଆବେଗଭରେ କୁହ - ହେ ପିତା, ମୁଁ ତୁମରି ସନ୍ତାନ; ମୋର ଆଉ ଜଡ଼ତା ନାହିଁ, ଆଉ ଦୁର୍ବଳତା ନାହିଁ, ମୁଁ ଆଉ କାପୁରୁଷ ନୁହେଁ, ମୁଁ ଆଉ ତୁମକୁ ଭୁଲି ନରକ ଆଡ଼କୁ ଦୌଡ଼ି ଯିବିନାହିଁ, ଆଉ ତୁମର ଜ୍ୟୋତି ଆଡ଼କୁ ପଛକରି ଅନ୍ଧକାର ଅନ୍ଧକାର ବୋଲି ଚିତ୍କାର କରିବି ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ କାଞ୍ଚନ ପ୍ରତି ଆସକ୍ତିରୁ ଆସେ। ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। ପ୍ରତ୍ୟେକଙ୍କ ମା' - ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକକୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ଧର୍ମର ସର୍ବସମନ୍ୱୟୀ ବ୍ୟାଖ୍ୟାରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଲେ-ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହା ବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧ ଧର୍ମ ଇତ୍ୟାଦି କଥା ମୋ ମତରେ ଭୁଲ, ବରଂ ସେ ସବୁ ଗୁଡ଼ିକ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତ ପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ-ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ।

ସତ୍‌ସଙ୍ଗ ଚାହେଁ ଭାରତ ଏକ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ରାଷ୍ଟ୍ର ହେଉ। ଆମେ କଂଗ୍ରେସ ମୁକ୍ତ ଭାରତ ଚାହୁଁନା, ବା ସଂଘ ମୁକ୍ତ ଭାରତ ଚାହୁଁନା। ଆମେ ଚାହୁଁ ସମ୍ପ୍ରଦାୟ ନିରପେକ୍ଷ ଧର୍ମପ୍ରାଣ ଭାରତ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଉଦାତ୍ତ କଣ୍ଠରେ ଗାଇ ଉଠିଲେ - 'ଆର୍ଯ୍ୟ ଭାରତ ବର୍ଷ ମୋର, ଜ୍ଞାନ ଗରିମା ଗରବିନୀ, ଦ୍ୟୁତିପ୍ରେକ୍ଷା ସ୍ଫୁରକ ପ୍ରଜ୍ଞା, ଦ୍ୟୁଲୋକ ଦୀପକ ମାଳିନୀ, ରକ୍ତ ତପନ କ୍ଷିପ୍ତ ଆଲୋକ, ରଶ୍ମି ପୁଲକ ଝଲକ ଝଲକ, ଦୀପ୍ତ ରିକ୍ତ ପାବକ ଅନଘ, ମୃତ୍ୟୁ ବିଜୟ ଦାୟିନୀ! ହୋମର ଅନଳ ନାଚେ ଛଳ ଛଳ, ବହେ ସରସ୍ୱତୀ ସିନ୍ଧୁ ପ୍ରବଳ, ଦୃଷଦ୍ୱତୀ ଦେଲା ଅର୍ଘ୍ୟ ଆଂଚଳ, ସ୍ଫୁରିତ ଇନ୍ଦୁ ସ୍ମିତ ଟଳ ଟଳ, ଚଲେ ଭାଗିରଥୀ ଡାକେ କଳକଳ, ସାଗର ଧୌତ ଚରଣ ଯୁଗଳ, ତୁଙ୍ଗ ଧବଳ କିରୀଟିନୀ, ଅୟୁତ ରଶ୍ମି ଦୀପ୍ତ କେନ୍ଦ୍ର, ପୁରୁଷୋତ୍ତମ ଚିର ଅତନ୍ଦ୍ର, ଜାଗେ ଆହ୍ୱାନ ବିପୁଳ ମନ୍ଦ୍ର, ଅମର ଲପନା ଜୀବନ ସାନ୍ଦ୍ର, ଆର୍ଯ୍ୟ ଗରିମା ଗଭୀର ମନ୍ତ୍ର, ଛଳକି ସଞ୍ଚା ଏକଟି ତନ୍ତ୍ର, ଭାରତ ବିଶ୍ୱ ରତାୟିନୀ'। ଶ୍ରୀ ଶ୍ରୀ ଠାକୁର ଅତି ଦୃଢ଼ ଚିତ୍ତରେ ଘୋଷଣା କଲେ - ତୁମେ, ଠିକ୍ ଠିକ୍ ଜାଣ ଯେ, ତୁମେ ତୁମର, ତୁମ ନିଜ ପରିବାରର, ଦଶର ଏବଂ ଦେଶର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଦାୟୀ।

**—ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଫେବୃଆରୀ ୧୪

# ପ୍ରେମ ଓ ଶାନ୍ତି


ଅନୁପମା ଭୂୟାଁ

ପ୍ରେମ ଶାଶ୍ୱତ ଓ ସୁନ୍ଦର। ଏହା କେବେ, କେତେବେଳେ, କାହା ସହିତ ବି ହୋଇପାରେ। ଆଉ ଥରେ ମନରେ ମନ ମିଶିଗଲେ ନା ସମାଜ, ନା ପରିବାର କେହି କରିପାରନ୍ତିନି ଅଲଗା। ପ୍ରେମର ପରିଭାଷା ପରିପୂର୍ଣ୍ଣତାରେ ଉକୁଟି ଉଠିଥାଏ ପ୍ରେମ ପାଇଁ ଚେଷ୍ଟା ସଫଳ ବା ବିଫଳ ହୋଇପାରେ କିନ୍ତୁ ପ୍ରେମ କେବେ ଅସଫଳ ହୁଏନି। ପ୍ରେମ ମାନେ ହିଁ ସାର୍ଥକତା ଓ ସଫଳତା। ପ୍ରେମରେ ମଣିଷ ପଡ଼େନି ବରଂ ପ୍ରେମ ତିଆରି ହୋଇଯାଏ ଆପଣା ଛାଏଁ ଆବେଗରେ। ଗଢ଼ି ହୁଏ ମଣିଷ ନୂଆ କରି ନୂଆ ପ୍ରକ୍ରିୟାରେ ପ୍ରେମର ସେହି ଅନନ୍ୟ ଅନୁଭବରେ। ଭାଲେଣ୍ଟାଇନ୍ ଡ ହେଉଛି ପ୍ରେମ ପରିପ୍ରକାଶ କରିବାର ଦିବସ। ମନର ଭାବକୁ ଶବ୍ଦ ଆକାରରେ ପରିପ୍ରକାଶ କରିବା ଲାଗି ଅନେକ ଏହି ଦିନକୁ ଅପେକ୍ଷା କରିଥାନ୍ତି । ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଠାରୁ ଆରମ୍ଭ କରି ପ୍ରାଚ୍ୟ ରାଷ୍ଟ୍ରରେ ଭିନ୍ନ ଭିନ୍ନ ଢ଼ଙ୍ଗରେ ପ୍ରେମ ଦିବସ ପାଳନ କରାଯାଇଥାଏ। ପ୍ରେମୀଯୁଗଳଙ୍କ ପାଇଁ ଏହି ଦିବସ ଅନେକ ମହତ୍ତ୍ୱ ରଖିଥାଏ । ଇତିହାସ କୁହେ, ସନ୍ଥ ଭାଲେଣ୍ଟାଇନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ତୃତୀୟ ଶତାବ୍ଦୀରେ ସମ୍ରାଟ କ୍ଲାଓଡିୟସ୍ ରୋମରେ ରାଜୁତି କରୁଥିଲେ । ତାଙ୍କ ଅନୁଯାୟୀ, ବିବାହ କରିବା ଦ୍ୱାରା ପୁରୁଷଙ୍କ ଶକ୍ତି ଏବଂ ବୁଦ୍ଧି ହ୍ରାସ ପାଇଥାଏ । ସେ ଆଜ୍ଞା ଜାରି କଲେ ଯେ ରାଜ୍ୟର କୌଣସି ଶ୍ରମିକ କିମ୍ବା ଅଧିକାରୀ ବିବାହ କରିବେ ନାହିଁ । ମାତ୍ର ସନ୍ଥ ଭାଲେଣ୍ଟାଇନ୍ ଏହି କ୍ରୁର ଆଦେଶର ବିରୋଧ କରିଥିଲେ । ତାଙ୍କ ଆହ୍ୱାନ କ୍ରମେ ସୈନିକ ଓ ଅଧିକାରୀମାନେ ବିବାହ କଲେ । ଶେଷରେ ସମ୍ରାଟ କ୍ଲାଓଡ଼ିୟସ୍ ୨୬୯ ମସିହା ଫେବୃୟାରୀ ୧୪ ତାରିଖରେ ସନ୍ଥ ଭାଲେଣ୍ଟାଇନ୍‌ଙ୍କୁ ଫାଶୀ ଦେଇଦେଲେ । ସେବେ ଠାରୁ ତାଙ୍କ ସ୍ମୃତିରେ ଏହି ଦିନକୁ ପ୍ରେମ ଦିବସ ଭାବେ ପାଳନ କରାଯାଇଥାଏ । କୁହାଯାଏ ଯେ ସନ୍ଥ ଭାଲେଣ୍ଟାଇନ୍ ମୃତ୍ୟୁ ପୂର୍ବରୁ ଜେଲର୍‌ଙ୍କ ଅନ୍ଧୁଣୀ ଝିଅ ଜ୍ୟାକୋଭସଙ୍କୁ ନେତ୍ର ଦାନ କରିଥିଲେ । ଏଥିସହିତ ଜ୍ୟାକୋବାସ୍‌ଙ୍କୁ ଏକ ପତ୍ର ଲେଖି ଶେଷରେ ଲେଖିଥିଲେ ତୁମର ଭାଲେଣ୍ଟାଇନ୍ । ଏହି ଦିନ ଥିଲା ଫେବୃଆରୀ ୧୪ ତାରିଖ । ଏହାପର ଠାରୁ ସନ୍ଥଙ୍କ ନାମ ଅନୁଯାୟୀ ଭାଲେଣ୍ଟାଇନ୍ ଡେ ଅବସରରେ ସାରା ବିଶ୍ୱରେ ନିଃସ୍ୱାର୍ଥ ପ୍ରେମର ବାର୍ତ୍ତା ବଣ୍ଟା ଯାଇଥାଏ ।

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ କେତେଗୁଡ଼ିଏ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ । ସେହି ସରଳ ମାର୍ଗ ଗୁଡ଼ିକ ହେଉଛି ସବୁବେଳେ ମନେରଖନ୍ତୁ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗ୍ୟବାନ ମନେ କରିବା ଉଚିତ । ଏହାଦ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସଫଳତାକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାନ୍ତ ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଜୀବନର ଗୁଣାତ୍ମକମାନ ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂକୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ । ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ହସ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନରୁ ଶୁଭାରମ୍ଭ କରିବା ଉଚିତ । ଏହାସହ ପ୍ରତିଦିନ ଭେଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ । ଏହା ବ୍ୟକ୍ତିକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିର ସହ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହାମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଉପଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନରୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ ଏହି କାମନା କରିବା।

*'ସାଇବିଥି' ୭ଡ଼ି/୧୩୫୪,*
*ସେକ୍ଟର-୯, ସିଡିଏ, କଟକ*

# ଓଡ଼ିଶା – ବିକାଶର ନୂଆ ଏକ ଫର୍ଦ୍ଦ


ଡ଼ି ଶୁଭମ୍

ଓଡ଼ିଶା- କେବଳ ଏକ ନାମ ନୁହେଁ ବରଂ ଏହା ଏକ ପରିଚୟ। ଏଠାକାର ମାଟିରୁ ମହକ ଆସେ। ଏଠାକାର ପବନରୁ ଝଙ୍କାର ଆସେ। ଓଡ଼ିଶାର କୀର୍ତ୍ତିରାଜି ହେଉ କି କଳା ସଂସ୍କୃତି ଏସବୁ ବିଶ୍ୱରେ ବିରଳ। ଆମର ଜଗନ୍ନାଥ ମନ୍ଦିର , କୋଣାର୍କ ,ଲିଙ୍ଗରାଜ ମନ୍ଦିରର ସ୍ଥାପତ୍ୟକଳା ଖୁବ୍ ନିପୁଣ। ଆମ ରାଜ୍ୟର ନିର୍ଝରିଣୀ ଠୁ ମନ୍ଦିର ସବୁକିଛି ଅଦ୍ୱିତୀୟ। ଆମ ରାଜ୍ୟର ମାଟିରୁ ସଂଗ୍ରାମର ବାସ୍ନା ଆସେ। ଆଉ ଏହିଠାରୁ ବି ଧର୍ମର ଗୁଣଗାନ ବି ବାରି ହୁଏ। ଆମ ରାଜ୍ୟବାସୀ ପର୍ବପର୍ବାଣିକୁ ଏକ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଥାନ୍ତି। ଏଠି ମାଣବାସା ଗୁରୁବାର ହେଉ କି ରଜଦୋଳି ଏସବୁର ପ୍ରାଧାନ୍ୟ ସବୁବେଳେ ଅଧିକ। ତେବେ ପୁରାତନ ଓଡ଼ିଶା ଓ ଏବର ଓଡ଼ିଶା ଭିତରେ ଅନେକ ଫରକ। ଏବେର ଓଡ଼ିଶା ଏକ ବିକଶିତ ରାଜ୍ୟର ସ୍ୱପ୍ନ ନେଇ ଅଗ୍ରସର ହେବାକୁ ଯାଉଛି।

ସରକାରଙ୍କର ଲୋକାଭିମୁଖୀ ପଦକ୍ଷେପ ତଥା ଏବର ଓଡ଼ିଶାର ମାନଚିତ୍ରକୁ ଲକ୍ଷ୍ୟ କଲେ ଆମେ ସହଜରେ ଅନୁମେୟ କରିପାରିବା ଯେ ଓଡ଼ିଶା ନିଶ୍ଚିତ ଭାବରେ ବିକାଶର ପାଦଦେଶରେ। ରାଜ୍ୟରେ ନିଆଯାଉଥିବା ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟକୁ ଲକ୍ଷ୍ୟ କଲେ ଏବେ ଆମେ ଗର୍ବରେ କହିପାରିବା ଓଡ଼ିଶା ଏକ ବିକଶିତ ରାଜ୍ୟର ରୂପ ନେବା ଦିଗରେ ଅଗ୍ରସର। ଆମେ ଓଡ଼ିଆ , ଭାରି ବଢ଼ିଆ ଉକ୍ତିଟି ଏବେ ଯଥାର୍ଥ ରୂପେ ପ୍ରତିପାଦିତ। ଓଡ଼ିଶା ପରି ଏକ ଶୋଭାମୟୀ ରାଜ୍ୟର ଶାସନ ଦାୟିତ୍ୱକୁ ଦୀର୍ଘ ୨୫ ବର୍ଷ ହେବ ସମ୍ଭାଳି ଆସୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ ଓଡ଼ିଶାକୁ ବିଶ୍ୱସ୍ତରରେ ପରିଚିତ କରାଇବାର ସଂକଳ୍ପ ନେଇ ଆଗେଇ ଚାଲୁଛନ୍ତି ମୁଖ୍ୟମନ୍ତ୍ରୀ। ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ଓଡ଼ିଶାର ମାନଚିତ୍ରକୁ ସୁଦୃଢ଼ କରିବାର ଆଶା ନେଇ ନାନାଦି ପ୍ରକଳ୍ପର ଶୁଭାରମ୍ଭ ବି କରୁଛନ୍ତି। ବିକଶିତ ଓଡ଼ିଶାର ରୂପରେଖକୁ ଜୀବନ୍ୟାସ ଦେବା ଲକ୍ଷ୍ୟରେ ସେ ସତତ ଭାବେ ପ୍ରଚେଷ୍ଟିତ। କିଛି ଦିନ ତଳେ ଜଗନ୍ନାଥଧାମ ପୁରୀର ସୌନ୍ଦର୍ଯ୍ୟକରଣକୁ ଆଖି ଆଗରେ ରଖି ବିଭିନ୍ନ ଉନ୍ନୟନ ମୂଳକ ପଦକ୍ଷେପ ବି ନେଇଛନ୍ତି। ପୁରୀ ମନ୍ଦିର ନିକଟସ୍ଥ ସ୍ଥାନକୁ ବେଶସୁନ୍ଦର ଭାବରେ ନବକଳେବର କରିବାର ଚିତ୍ର ବାସ୍ତବରେ ସ୍ୱାଗତଯୋଗ୍ୟ। ଯିଏ କେହି ବି ଏହାର ପ୍ରଶଂସା କରିବାକୁ ବାଧ ହେବ। ଠିକ୍ ସେହିପରି ଏକାମ୍ରକ୍ଷେତ୍ର ପରିଦର୍ଶନରେ ଯାଇ ମହାପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରର ବିକାଶକୁ ପୁଣି ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ। ଲିଙ୍ଗରାଜ ମନ୍ଦିର ପାଇଁ ନୂଆ .ଯାଜନା କରିବାର ପ୍ରତିଶ୍ରୁତି ବି ଦେଇଛନ୍ତି। ନିକଟରେ ଲିଙ୍ଗରାଜ ମନ୍ଦିରର ଆଖପାଖ ଅଂଚଳର ଜମିକୁ ଲୋକେ ହସ୍ତାନ୍ତର କରି ମନ୍ଦିରର ସୌନ୍ଦର୍ଯ୍ୟ ବି ବୃଦ୍ଧି କରିଥିଲେ। ଠିକ୍ ସେହିପରି ପର୍ଯ୍ୟଟନର ବିକାଶକୁ ଗୁରୁତ୍ୱ ଦେଇ ଇକୋ ରିଟ୍ରେଟର ଉଦଘାଟନ କରାଯାଇଛି। କୋଣାର୍କ , ସାତକୋଶିଆ, ଭିତରକନିକା , ଦାରିଙ୍ଗିବାଡ଼ି ଏବଂ ହୀରାକୁଦ ଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରଯାଇଛି। ପର୍ଯ୍ୟଟକ ମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ପର୍ଯ୍ୟଟନ ରୂପଚିତ୍ରକୁ ଏକ ନୂତନ ସଂଜ୍ଞା ଦେବା ପାଇଁ ଏହାର ଆରମ୍ଭ ହୋଇଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବରମୁଣ୍ଡା ବସଷ୍ଟାଣ୍ଡ ପରିଭ୍ରମଣରେ ଯାଇ ୧୮୦ କୋଟି ଟଙ୍କାର ପ୍ରକଳ୍ପ ବି ଘୋଷଣା କରିଛନ୍ତି। ଆଗାମୀ ୧୮ ମାସ ମଧ୍ୟରେ ବରମୁଣ୍ଡା ବସଷ୍ଟାଣ୍ଡର ଚିତ୍ରକୁ ପୂର୍ବ ଭାରତ ମାନଚିତ୍ରରେ ପ୍ରମୁଖ ଟର୍ମିନାଲ ଭାବେ ଯୋଡ଼ିବାର ଲକ୍ଷ୍ୟ ନେଇ କାର୍ଯ୍ୟକରାଯିବାକୁ ମଧ୍ୟ ଘୋଷଣା କରିଛନ୍ତି। ସୁତରାଂ ଅଧୁନା ପ୍ରଗତିର ପାହାଚରେ ଓଡ଼ିଶା। ଏହା ସହ ଯଦି ଆପଣ ମନ୍ଦିରମାଳିନୀ ଆମ ପ୍ରଦେଶ ଓନିଶଶର କଥା ଲକ୍ଷ୍ୟ କରିବେ ତେବେ ତାରାତାରିଣୀ ମନ୍ଦିରା କୁହନ୍ତୁ କି ସାରଳା ମନ୍ଦିର ଅବା କଟକର ଚଣ୍ଡୀ ମନ୍ଦିର , ଏସବୁର ଆଧୁନିକୀକରଣ କରି ଏହାକୁ ଏକ ସ୍ୱତନ୍ତ୍ର ମାନ୍ୟେତା ଦେବାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟା ସତରେ ପ୍ରଶଂସନୀୟ। କିନ୍ତୁ କେତୋଟି ପ୍ରମୁଖ ବିଷୟ ଯାହା କି ବିକାଶର ସଂଜ୍ଞାକୁ ଆଉ ଟିକେ ଯଥାର୍ଥ କରିପାରିବ ବୋଲି ମୋର ଆଶା , ସେଗୁଡ଼ିକୁ ଏଠାରେ ଉଲ୍ଲେଖ କରୁଛି। ପ୍ରଥମତଃ କୃଷି ଆମ ରାଜ୍ୟର ମୁଖ୍ୟ ମେରୁଦଣ୍ଡ। ଇଂରାଜୀରେ ଏକ ପ୍ରବାଦ ଅଛି – ଅର୍ଥାତ ଯଦି କୃଷି ଭୁଲ ଦିଗରେ ଗଲା ତେବେ ଆଉ କିଛି ବ୍ୟବସ୍ଥା ଠିକ ଭାବେ କାର୍ଯ୍ୟ କରିବ ବୋଲି ଆଶା କରିବା ଏକ ଧୃଷ୍ଟତା ହେବ। ସରକାରଙ୍କ ତରଫରୁ ସବୁବେଳେ କୃଷି ପାଇଁ ସ୍ୱତନ୍ତ୍ର ଯୋଜନା ହେଉଛି। ନୂଆ ନୂଆ ବୈଷୟିକ ଜ୍ଞାନକୌଶଳରେ ଚାଷୀ ମାନଙ୍କୁ ଚାଷ କରିବୁ ପ୍ରଶିକ୍ଷଣ ବି ଦିଆଯାଉଛି। କିନ୍ତୁ ଚାଷୀ ମାନଙ୍କ ପାଖରେ ଏ ଯୋଜନା କିପରି ସଠିକ ଭାବରେ ପହଁଚୁ , ତାହା ହିଁ ତର୍ଜମା କରିବାର ବିଷୟ। ରାଜ୍ୟସରକାରଙ୍କ ଦ୍ୱାରା ଚାଷୀଙ୍କ ହିତ ଉଦ୍ଦେଶ୍ୟରେ କାଳିଆ ଯୋଜନା ପ୍ରଣୟନ କରାଗଲା। ଏଥିରେ ଉଲ୍ଲେଖ ରହିଲା କ୍ଷୁଦ୍ର ଓ ଭାଗଚାଷୀ ମାନେ ଏ ଯୋଜନାର ଲାଭାର୍ଥୀ ହେବେ। କିନ୍ତୁ ସମାୟାନୁକ୍ରମେ କାଳିଆ ଯୋଜନାର ଅଯୋଗ୍ୟ ହିତାଧିକାରୀଙ୍କର ଲମ୍ବା ତାଲିକା ଆସିଲା। ପ୍ରକୃତ ଚାଷୀ ଏଥିରୁ ବାଦ ପଡ଼ିଲେ। ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ନୂତନ ପନ୍ଥା ଆପଣଉଛନ୍ତି ସତ କିନ୍ତୁ ଚାଷୀଙ୍କ ମଧ୍ୟରେ ଥିବା ଦଲାଲ ବା ମଧ୍ୟସ୍ଥି ମାନଙ୍କର ଚାଟୁକାରିତା ପାଇଁ ଏସବୁ ପ୍ରକୃତ ହିତାଧିକାରୀଙ୍କ ଠାରୁ ଦୂରରେ ରହୁଛି। ଚାଷୀ ନିଜ ହକ୍ ପାଇଁ ରାଜରାସ୍ତାକୁ ଆସୁଛି। ନିଜ ପ୍ରାପ୍ୟ ପାଇଁ ଗୁହାରି କରୁଛି। ଏସବୁକୁ ସରକାର ପ୍ରାଧାନ୍ୟ ଦେବା ଆବଶ୍ୟକ। ଓଡ଼ିଶାରେ ଚାଷୀଙ୍କ ପାଇଁ ବେଶ ନୂତନ ଓ ଅଭିନବ ଯୋଜନା ସବୁ କରାଯାଉଛି। ଏସବୁ ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ ମଧ୍ୟ।

ଦ୍ୱିତୀୟରେ ନିଯୁକ୍ତିର କଥା । କଥାରେ ଅଛି ଶିକ୍ଷାର ମୟୂଖେ ଫୁଟେ ଚରିତ୍ରର ଶୁଭ୍ର ଶତଦଳ , ଶିକ୍ଷିତ ନର ଏକା ଯା ହିତେ ଦେଶ ପ୍ରାଣ ଚଂଚଳ। ଅର୍ଥାତ ଜଣେ ଶିକ୍ଷିତ ବ୍ୟକ୍ତି ହିଁ ଏ ଦେଶ ସମ୍ଭାଳିବାର ମୁଖ୍ୟ ମଙ୍ଗଧାରୀ। ପିଲାଟିଏ ପାଠ ପଢୁଛି। ଭଲ ମାର୍କ ରଖି ପାସ୍ କରୁଛି। କିନ୍ତୁ ଏବେ ଚାକିରୀ କଥା ଶୁଣିଲେ ପାଟିରୁ କଥା ପଦୁଟିଏ ବାହାରୁନି। ନା ଘରେ ବାପା ମାଙ୍କୁ ଉତ୍ତର ଦେଇ ହେଉଛି ନା ପଡ଼ୋଶୀ ସାଙ୍ଗସାଥୀ ମାନଙ୍କୁ। ପ୍ରତିବର୍ଷ ଡ଼ିଗ୍ରୀ ଧରି ପିଲା ଉତ୍ତୀର୍ଣ୍ଣ ହେଉଛନ୍ତି। କିନ୍ତୁ ଠିକ୍ ସ୍ଥାନରେ ଅବସ୍ଥାପିତ ହୋଇପାରୁନାହାନ୍ତି। ସରକାର ପିଲାଙ୍କ ପାଠପଢ଼ା ପାଇଁ ଡ଼ିଜିଟାଲ ସେବା ଆରମ୍ଭ କରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ମେଧାବୀ ବୃତ୍ତି ବି ରଖୁଛନ୍ତି। କିନ୍ତୁ ଏସବୁ ବାଦ୍ ବି ନିଯୁକ୍ତିକ ମୁଖ୍ୟ ଏଜେଣ୍ଡା କରିବା ଆବଶ୍ୟକ। କାରଣ ପିଲାଟିଏ ପାଠ ପଢ଼ିକି ଚାକିରୀ କରିବାର ସ୍ୱପ୍ନ ଦେଖେ। ସମସ୍ତେ ଉଦ୍ୟୋଗୀ ହୋଇପାରିବେ ନାହିଁ। ଏହା ହିଁ ବାସ୍ତବିତ ସତ୍ୟ। ତେଣୁ ନିଯୁକ୍ତି ଉପରେ ଗୁରୁତ୍ୱ ଦେଲେ ବୋଧହୁଏ ଆଜିକାର ଯୁବପିଢ଼ୀ ବେଶ ଉପକୃତ ହୋଇପାରନ୍ତେ। ବେରୋଜଗାର ନହୋଇ ରୋଜଗାରକ୍ଷମ ହୋଇପାରିବେ।

ତୃତୀୟରେ ଯବୁପିଢ଼ୀଙ୍କୁ ସବୁ ନୂଆ କାର୍ଯ୍ୟଶୈଳୀରେ ପ୍ରାଧାନ୍ୟ ଦେବା ଆବଶ୍ୟକ। କାରଣ ଛାତ୍ର ହିଁ ଦେଶର ଭବିଷ୍ୟତ। ଯଦି ଛାତ୍ରଛାତ୍ରୀଙ୍କୁ ନୂଆ ଉଦ୍ୟୋଗ ସୃଷ୍ଟି କରାଇବା ପାଇଁ ପ୍ରବର୍ତ୍ତାଇ ହୁଅନ୍ତା , ତାହେଲେ ହୁଏତ ଦାଦନ ଶବ୍ଦଟି ଆଉ ଶୁଣିବାକୁ ପଡ଼ନ୍ତାନି। କାରଣ ସତକଥାଟା ହେଲା ଆମେ ବିନା କଷ୍ଟ ଓ ଶ୍ରମରେ ଝାଳ ନବୁହାଇ ରୋଜଗାର କରିବାକୁ ଚାହୁଁଛୁ। ଅର୍ଥାତ ଆମର ଲକ୍ଷ୍ୟ ହେଲା ଟଙ୍କା ରୋଜଗାର କରିବା। କିନ୍ତୁ ଆମେ ପରିଶ୍ରମ କରିବାନି। ଆମ ପାଖରେ ଜମି ଥିବ କିନ୍ତୁ ଆମେ କାଦୁଅ କ୍ଷେତରେ କାହିଁ ଯେ ଗୋଡ଼ ପଶେଇବୁ। ଏହି ଚିନ୍ତାଧାରା ହିଁ ଆମକୁ ଆଜି ଦାଦନ ଖଟିବାକୁ ବାଧ କରିଛି। ସରକାରଙ୍କ ତରଫରୁ ଏହି ଉଦ୍ୟୋଗୀକରଣ ଦିଗରେ ଅଧିକ ଫୋକସ୍ ଦିଆଗଲେ ହୁଏତ ଲୋକେ ଏହାକୁ କିଛି ପରିମାଣରେ କାର୍ଯ୍ୟରେ ଉପଯୋଗ କରିପାରନ୍ତେ। କାରଣ ଆମର ଗୋଟିଏ ପୁରୁଣା ମନୋବୃତ୍ତି ଯାହା ଏବେ ବି ଅଧିକ ପରିମାଣରେ ଦୃଷ୍ଟିଗୋଚର ହୁଏ ତାହା ହେଲା- 'ଆରେ ସେ ତ ଜମିରେ ଧାନ କରି ଏତେ ଅମଳ ପାଇଲା , ଆମେ କାହିଁ ଚିନାବାଦାମ କରିବା ?? , ଚାଲ ଆମେ ବି ଆର ବର୍ଷ ଧାନ ହିଁ କରିବା। ଏ ଚିନାବାଦାମର ମୂଲ୍ୟ ନାହିଁ।' କିନ୍ତୁ ସେ ଲୋକ ଟି ଭୁଲିଯାଇଥାଏ ଯେ ସେ ଚିନାବାଦାମ ଚାଷର ଯତ୍ନ ନେଇନାହିଁ ବୋଲି ଅମଳ ପାଇନି। କହିବାର ଉଦ୍ଦେଶ୍ୟ ଯଦି ଅମେ ଉଦ୍ୟୋଗୀ ହେବା ପାଇଁ ସ୍ୱପ୍ନ ଦେଖିବା ତାହେଲେ ଯାଇ ଉଦ୍ୟୋଗୀ ହୋଇପାରିବା , ଏକଥାରେ ବସି ରହିଗଲେ ହେବନାହିଁ। ଏସବୁ ପାଇଁ ଝାଳ ବୁହାଇବାକୁ ପଡ଼ିବ। କଷ୍ଟ କରିବାକୁ ହେବ। ସୁତରାଂ ସରକାରଙ୍କ ତରଫରୁ ଏ ଦିଗରେ ଯଥୋଚିତ ବ୍ୟବସ୍ଥା କରାଗଲେ ନିଶ୍ଚିତ ଭାବରେ ସୁଫଳ ମିଳିପାରିବ ବୋଲି ଆଶା।

ମୋ ଓଡ଼ିଶା – ଏବେ ବିକଶିତ। ଏହା ଏବେ ଆମେ ଗର୍ବରେ କହିପାରିବା। କିନ୍ତୁ ଏ ବିକାଶର ରଥକୁ ଅଧିକ ଅଧିକ ଶାଣିତ କରିବାର ସମୟ ଆସିଛି। ଏ ବିକାଶର ଶବ୍ଦକୁ ଆହୁରି ଦକ୍ଷ କରିବାକୁ ଚେଷ୍ଟା କରିବା ଆବଶ୍ୟକ। ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ପରିଚିତ କରିବାର ସଂକଳ୍ପ ନେଇ କାମ କରିବାକୁ ହେବ। ଏହାକୁ ସମସ୍ତେ ଏକ ଆହ୍ୱାନ ଭାବି କାର୍ଯକରିବା ଆବଶ୍ୟକ।

*(ବାସୁଦେବପୁର ,ଭଦ୍ରକ ,*
*ମୋ- ୯୪୩୮୪୬୭୦୭୯)*

# ମୁଁ କିଏ ?


ଅନୀତା ପଟ୍ଟନାୟକ

ସେ ଗୀତ ଗୁଡ଼ିକ ପୁରୁଣା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମନରେ ଝଙ୍କୁରିତ ହୁଏ। ଯଥା ‘ଚକାଚକା ଭଉଁରୀ, ମାମୁଁ ଘର ଚଉଁରୀ'। ‘ଆ ଜହ୍ନ ମାମୁଁ ଶରଗଶଷୀ' ଇତ୍ୟାଦି। ଆଧୁନିକ ଯୁଗରେ ଏସବୁ ବିରଳ ହୋଇଗଲାଣି। ଘରେ ଆମେ ପିଲାଦିନେ ସାଙ୍ଗସାଥୀ ମାନଙ୍କ ସହ ମିଶି ଅନ୍ଧପୁଟୁଳି ଖେଳ ଖେଳୁଥିଲି। ମୁଁ ମୋର ସାଙ୍ଗ ମାନଙ୍କର ସ୍ପର୍ଶକୁ ସବୁ ବେଳେ ଜାଣି ପାରୁଥିଲି। ମୋର ଆଖି ଦୁଇଟି ବନ୍ଦରେ ମୋର ସାଙ୍ଗ ମାନଙ୍କ ମଧ୍ୟରୁ ଯିଏ ବି ପଚାରନ୍ତି ମୁଁ କିଏ ? ମୁଁ ତାର ସଠିକ ଉତ୍ତର ଦେଇପାରୁଥିଲି। ମୋର ସାଙ୍ଗସାଥୀମାନେ ସବୁବେଳେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ। ଦିନେ ଆମର ଶିକ୍ଷକ ଶ୍ରେଣୀ ଗୃହରେ କହିଥିଲେ ଭଗବାନ ପ୍ରେମର ପ୍ରତୀକ। ଏହା କାହିଁକି ମୋର ମନକୁ ପସନ୍ଦ ହୋଇନଥିଲା। ମୋର ହୃଦୟ କନ୍ଦରରେ ସତେ ଯେପରି କିଏ ଜଣେ କୁହେ ‘ଭଗବାନ ହେଉଛନ୍ତି ପ୍ରେମ' ଓ ସେ ପ୍ରେମର ପ୍ରତୀକ ନୁହଁନ୍ତି। ସବୁବେଳେ ପିଲାଦିନେ ଭାବେ ଭଗବାନଙ୍କ ସଂଜ୍ଞା କ'ଣ ? ଦିନ ଆମ ସାର କହିଲେ ‘ପିଲାମାନେ ଭଗବାନଙ୍କ ସଂଜ୍ଞା କଣ ଜାଣିଚ ? ଆମେ ସବୁ ନାହିଁ କରିବାରୁ ସେ କହିଲେ ‘ଯେ ସର୍ବଶକ୍ତିମାନ, ସର୍ବଜ୍ଞ ଓ ସର୍ବତ୍ର ବିଦ୍ୟମାନ ତାକୁ ହିଁ ଭଗବାନ କୁହାଯାଏ।' ମୋର ପିଲାଦିନର କୌତୁହଳ ଓ ଜିଜ୍ଞାସୁ ମନୋଭାବ ଏହି ସଂଜ୍ଞାକୁ ଗ୍ରହଣ କରିପାରିନଥିଲା। ମୋର ବିବେକ ସତେ ଯେପରି କୁହେ ଭଗବାନଙ୍କୁ କୌଣସି ସଂଜ୍ଞାଦ୍ୱାରା ମନୁଷ୍ୟ ସୀମିତ କରିପାରିବ ନାହିଁ। ଯେ ଅସୀମ, ଅନନ୍ତ ଓ ସଂଜ୍ଞାରୁ ଉର୍ଦ୍ଧ୍ୱ ତାଙ୍କୁ ଏପରି ଏକ ସଂଜ୍ଞା ମାଧ୍ୟମରେ ବାନ୍ଧି ରଖି ଶିକ୍ଷକମାନେ ବୋଧେ ତାଙ୍କର ସୀମିତ ଜ୍ଞାନର ପରିଚୟ ଦେଉଛନ୍ତି। ସେ ଅବର୍ଣ୍ଣନୀୟ ଅଚିନ୍ତ୍ୟନୀୟ। ଆମ ସଂସ୍କୃତ ଶିକ୍ଷକ ଦିନେ ଶ୍ରେଣୀ ଗୃହକୁ ଆସି କହିଲେ ‘ନିର୍ଦ୍ଦୋଷ ନିର୍ମଳ ନାଥ ସଦୋଷ ଚଞ୍ଚଳବଧୂ' ଏହାକୁ ବୁଝାଇବାକୁ ଯାଇ ସାର କହିଥିଲେ ପ୍ରଭୁ ବା ସ୍ୱାମୀ ନିର୍ମଳ ବଧୁ ବା ସ୍ତ୍ରୀ ଚଞ୍ଚଳା ଓ ଦୋଷଯୁକ୍ତ। ଏପରି ପ୍ରଭୁ ଓ ବଧୁଙ୍କୁ ନେଇ ଆମର ଶରୀର ଗଠିତ। ଏପରି ସ୍ଥଳେ ଆମ ଶରୀରରେ ଶାନ୍ତି ଆସିବ କିପରି ? ଶିକ୍ଷକ ଆମକୁ ପ୍ରଶ୍ନ ପଚାରିଲେ ପ୍ରଭୁ ବଧୁଙ୍କ ପଦାଙ୍କ ଅନୁସରଣ କରିବା ଉଚିତ କି ବଧୁ ପ୍ରଭୁଙ୍କ ପଦାଙ୍କ ଅସୁରଣ କରିବା ଉଚିତ। ଆମ୍ଭେମାନେ ଏହାର ଉତ୍ତର ଦେଇ ନପାରିବାରୁ ସେ ବୁଝାଇଥିଲେ ପ୍ରଭୁ ହେଉଛନ୍ତି ପବିତ୍ର ଓ ସ୍ଥିର ଆତ୍ମା, ମନ ହେଉଛି ବଧୁ ଯେକି ଚଞ୍ଚଳ ଓ ଯାହାର ସ୍ୱଭାବ ଏଣେ ତେଣେ ଦୌଡ଼ିବା ତେଣୁ ପ୍ରଭୁ ତା ପଛରେ ଧାଆଁନ୍ତି ନାହିଁ। ଏକଥାକୁ ଶୁଣି ସେ ଦିନ ମୁଁ ହୃଦୟଙ୍ଗମ କରିଥିଲି ଯେ ଚଞ୍ଚଳାବଧୁ ପଛରେ ଯେଉଁମାନେ ଦୌଡ଼ନ୍ତି ସେହି ବ୍ୟକ୍ତି ମାନଙ୍କୁ ମୋହଗ୍ରସ୍ତ ଓ ମାୟାଧୀନ କୁହାଯାଏ। ଶ୍ରେଣୀକକ୍ଷରେ ସାର ଆଉ ଏକ ସୁନ୍ଦର ଉଦାହରଣ ମଧ୍ୟ ଦେଇଥିଲେ ଓ କହିଥିଲେ ଅର୍ଜ୍ଜୁନଙ୍କୁ ଶ୍ରୀକୃଷ୍ଣ ବିଶ୍ୱରୂପ ଦେଖାଇବା ପୂର୍ବରୁ ସେ ଦୁର୍ଯ୍ୟୋଧନଙ୍କୁ ବିଶ୍ୱରୂପ ଦେଖାଇଥିଲେ। ସେ ଏହାର ଅର୍ଥ ବୁଝି ନପାରି ଶ୍ରୀକୃଷ୍ଣଙ୍କୁ ତିରସ୍କାର କରିଥିବା ସମୟରେ ଅର୍ଜ୍ଜୁନ ସେହି ରୂପକୁ ବୁଝି ତାର ଉତ୍ତରରେ କହିଥିଲେ ‘କରିଷ୍ୟେ ବଚନତବ' (ତୁମର ନିର୍ଦ୍ଦେଶକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି)। ମୋ ମନରେ ଶ୍ରେଣୀ ଗୃହର ସେ ଦିନର କଥା ଆଜି ପର୍ଯ୍ୟନ୍ତ ଝଙ୍କୁରିତ ହୁଏ। ସତରେ କଣ ଆମେ ସମସ୍ତେ ଦୁର୍ଯ୍ୟୋଧନ। ଜୀବନରେ ଅନେକ ମନ୍ଦିର, ସାଧୁସନ୍ଥଙ୍କ ସମ୍ପର୍କରେ ଆସିଥିଲେ ମଧ୍ୟ ଶେଷରେ ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କର ମୂଳମନ୍ତ୍ରରେ ଦିକ୍ଷୀତ ହୋଇଥିଲେ ମଧ୍ୟ ତାଙ୍କର ବାଣୀ ଆମେ କାହିଁକି ଅନୁସରଣ କରିପାରୁନାହୁଁ। ଆମେ କଣ ବଧୁ ଚଞ୍ଚଳା, ଆମେ କଣ ମୋହଗ୍ରସ୍ତ ଓ ମାୟାଧୀନ। ସେ ଅବର୍ଣ୍ଣନୀୟ, ଅଚିନ୍ତ୍ୟନୀୟଙ୍କୁ କଣ ବୁଝି ହୁଏନାହିଁ। ସେ ଦିନ ଥାଏ ମୋର ଜନ୍ମଦିନ। ଏକା ଏକା ଜଗନ୍ନାଥଙ୍କ ମନ୍ଦିରକୁ ଦୀପ ବସାଇବାକୁ ଗଲି। ଭଗବାନଙ୍କ କୃପାରୁ ସେ ଦିନ ଥାଏ ସାହାଣମେଲା। ଅନେକ ଲୋକ ମନ୍ଦିର ଭିତରକୁ ପ୍ରବେଶ କରୁଥାନ୍ତି। ଜନସ୍ରୋତରେ ଭାସି ଗଲାପରି ମହିଳାମାନଙ୍କ ମଧ୍ୟରେ ମୋର ଗୋଡ଼ତଳକୁ ଲାଗୁନଥିଲେ ମଧ୍ୟ ମୁଁ କିପରି ଗରୁଡ଼ସ୍ତମ୍ଭ ପାଖରେ ପହଞ୍ଚିଲି ମୁଁ ନିଜେ ବି ଜାଣେନି ସେହି ସ୍ରୋତରେ ମୁଁ କାଷ୍ଠ ନିର୍ମିତ ଅର୍ଦ୍ଧଳି ନିକଟରେ ପହଞ୍ଚଗଲି। ଯୋଡ଼ହସ୍ତରେ ଆଖି ବନ୍ଦ କରି ଭାବିବାକୁ ଲାଗିଲି ଭଗବାନ ପ୍ରକୃତରେ ତୁମେ ସତରେ ମହାନ। ତୁମେ ସର୍ବତ୍ର ବିଦ୍ୟମାନ ତୁମର କଥା, କର୍ମ, ଚିନ୍ତା ଏକ। ତୁମେ ମୋ ଭିତରେ, ବାହାରେ ସର୍ବତ୍ର ବିଦ୍ୟମାନ। ମାଛ ଜଳବିନା ବଞ୍ଚିପାରେ ନାହିଁ, ଜଳ କିନ୍ତୁ ମାଛବିନା ତିଷ୍ଠିପାରେ। ସେହିପରି ତୁମବିନା ମୋର ସ୍ଥିତି ନାହିଁ କିନ୍ତୁ ମୋ ବିନା ତୁମର ସ୍ଥିତି ଅଛି ଓ ରହିବ ମଧ୍ୟ। ଏହିପରି ମୋର କୃତଜ୍ଞତା ଜଣାଉଥିବା ସମୟରେ ମୁଁ ଅନୁଭବ କଲି ମୋର ଆଖି ଦୁଇଟିକୁ କେହି ଜଣେ ତାର ହାତ ପାପୁଲି ମାଧ୍ୟମରେ ଚାପିଧରି ପଚାରୁଛି କହିଲୁ ଦେଖି ମୁଁ କିଏ ? ମୁଁ ସଙ୍ଗେ ସଙ୍ଗେ ପ୍ରକୃସ୍ଥିତ ହେଲି ଭାବିଲି ଏ କଣ ? ମୋ ସହିତ ପିଲାଦିନର ଅନ୍ଧପୁଟୁଳି ଖେଳ କିଏ ଖେଳୁଛି ? କିଏ ମୋର ସେ ପିଲାଦିନର ବନ୍ଧୁ, ଯେ ମୋର ଆଖିକୁ ଚାପି ଧରିଛି। ଅଗୁରୁ ଚନ୍ଦନର ସୁଗନ୍ଧ ସେ ପାପୁଲିରୁ ନିର୍ଗତ ହେଉଥିଲା। କି ସୁନ୍ଦର ଓ କୋମଳ ସେ ସ୍ପର୍ଶ ସତେ ! ଆଖି ଖୋଲି ଦେଲି ଦେଖିଲି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦାରୁବ୍ରହ୍ମଙ୍କୁ। ପାଖରେ ମୋର କୌଣସି ବନ୍ଧୁ ନଥିଲେ। କଣ ବା ମୁଁ ଉତ୍ତର ଦେଇପାରିଥାନ୍ତି ଯଦିଓ ମୁଁ ଏକ କୋମଳ ସ୍ୱର ଶୁଣିଥିଲି ଯେ ମୁଁ କିଏ ? ପିଲାଦିନେ ଅନ୍ଧପୁଟୁଳି ଖେଳବେଳେ ମତେ ସ୍ପର୍ଶ କଲେ ମୁଁ ତତ୍କ୍ଷଣାତ ତାର ଉତ୍ତର ଦେଇ ପାରୁଥିଲି ଆଜି କାହିଁକି ସ୍ୱତଃ ମୋ ମୁଖରୁ ବାହାରିଲା ନାହିଁ। ତୁମେ ସିଏ। ହେ ଜଗନ୍ନାଥ। ଭୁଲ କରିଥିଲେ ମତେ କ୍ଷମା କରିଦେବ।

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦,*
*ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ୍ୟ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ। ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ୍ୟ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା'ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ୍ୟ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡ଼ିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡ଼ିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ୍ୟ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧ୍ୟମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ୍ୟ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା'ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧ୍ୟାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ୍ୟ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪*




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଲି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଲି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ଅବ୍ୟବସ୍ଥା, ଖୋଲା ପଡ଼ିଆରେ ଶହଶହ ବସ୍ତା ଧାନ ପଡ଼ିଛି, ଚଷୀ ହଟହଟା

ଭବାନୀପାଟଣା, (ପି.ଏନ): ଅତୀତରେ ଭୋକର ଭୂଗୋଳ ଭାବେ ପରିଚିତ କଳାହାଣ୍ଡି ଜିଲ୍ଲା ଏବେ ଭାତହାଣ୍ଡି ଭାବରେ ସ୍ୱତନ୍ତ୍ର ସୃଷ୍ଟି କରିଥିଲେ ମଧ୍ୟ ଜିଲ୍ଲାର ଚାଷୀଙ୍କ ଭାଗ୍ୟ ବଦଳି ନାହିଁ, କଳାହାଣ୍ଡି ଜିଲ୍ଲାର ବିଭିନ୍ନ ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିରହିଛି ହଜାର ହଜାର କ୍ୟୁଂଟାଲ ଧାନ ବସ୍ତା,ଶୀତ କାକରକୁ ଭୃକ୍ଷେପ ନ କରି ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେବ ଚାଷୀମାନେ ଉପାର୍ଜିତ ଧାନକୁ ବିକ୍ରି କରି ଦି' ପଇସା ରୋଜଗାର କରିବାକୁ ଆଶା ବାନ୍ଧିଥିବାବେଳେ ପ୍ରଶାସନ କିନ୍ତୁ ଆଖି ବୁଜି ଦେଇଛି,ଏପର୍ଯ୍ୟନ୍ତ ଖରିଫ୍ ଋତୁର ଧାନ ବିକ୍ରୟ କରି ପାରି ନ ଥିବାରୁ ଚାଷୀ ମନରେ ଅସନ୍ତୋଷ ଦେଖାଦେଇଛି, ଧାନ ବିକ୍ରୟ ପାଇଁ ଟୋକନ ପାଇଥିବା ସତ୍ୱେ ବିକ୍ରି କରି ନପାରି ଜିଲ୍ଲାର ଅନେକ ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୟୁଣ୍ଟାଲ ଧାନ,ଏପରି ଅଚଳାବସ୍ଥା ଦେଖା ଦେଇଛି କଳାହାଣ୍ଡିର ଜିଲ୍ଲାର ବିଭିନ୍ନ ମଣ୍ଡିରେ। ସେଥିମଧ୍ୟରୁ ନର୍ଲା ବ୍ଲକ୍ ଅନ୍ୟତମ। ବ୍ଲକର ଶାନ୍ତପୁର, ନର୍ଲା, ତୁଳାପଡ଼ା, ବାଗପୁର୍ତି ଭାନପୁର୍ତି ଶେରଗଡ଼, ଗିଗିନା , ପଲମ୍, ଅନେକ ଉପମଣ୍ଡିରେ ମଧ୍ୟ ଧାନ ପଡ଼ିଥିବାବେଳେ କୃଷକମାନେ ମଧ୍ୟ ଶୀତ କାକରରେ ଧାନକୁ ଜଗି ରହିଛନ୍ତି, କିନ୍ତୁ ଏବେ ସୁଦ୍ଧା ସେଠାରେ କୃଷି ସେବା ସମବାୟ ସମିତିର କର୍ମଚାରୀ କିମ୍ବା ମିଲର୍ସମାନଙ୍କର ଦେଖା ମିଳୁନାହିଁ, ଏପରି ସମସ୍ୟା ପାଇଁ କଳାହାଣ୍ଡି ଜିଲ୍ଲାରେ ଧାନ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି, ଆଜକୁ ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେବ ଚାଷୀମାନେ ଧାନ ବିକ୍ରି ପାଇଁ ଟୋକନ ପାଇଥିଲେ ମଧ୍ୟ ଏବେ ଯାଏ ଧାନ ବିକ୍ରି କରିପାରି ନଥିବାର ଅଭିଯୋଗ କରିଛନ୍ତି,ଅନେକ ଚାଷୀ ଏହି ଖରିଫ୍ ଋତୁର ଧାନ କେବେ ବିକ୍ରି ହେବ ତାର ସଠିକ ସୂଚନା ପାଇ ପାରୁନାହାଁନ୍ତି, ଚାଷୀ ଟୋକନ ମିଳିବାର ୨୪ଘଂଟା ମଧ୍ୟରେ ଧାନ ବିକ୍ରି କରିପାରିବେ ବୋଲି ସରକାର ଆଶ୍ୱାସନା ଦେଇଥିଲେ ହେଁ ଏହି ବ୍ଲକର ଚାଷୀଙ୍କ ଧାନ ବିକ୍ରି ହୋଇ ପାରୁନି,ଚାଷୀ ସେପଟେ ଧାନ ବିକ୍ରି ପାଇଁ ପାଇଥିବା ଟୋକୋନର ଅବଧି ପୂରି ଆସୁଥିବା ଭୟରେ ବାଧ ହୋଇ ଚାଷୀମାନେ ୮ କେଜି ରୁ ୧୦ କେଜି କଟନିରେ ମିଲସ୍ ମାନଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି,ଏନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସବୁ ଠିକ୍ ଠାକ୍ ଚାଲିଛି ବୋଲି କହିଛନ୍ତି,ଗୋଟିଏ ପଟେ ସରକାର ଚାଷୀଙ୍କ ହିତୈଷୀ ବୋଲି ଦାବି କରୁଥିବା ବେଳେ କିନ୍ତୁ ଚାଷୀଙ୍କ ପ୍ରତି ଥିବା ନିଜର ଦାୟୀତ୍ୱକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଦେବା ପରିତାପର ବିଷୟ, ଯଦି ଯଥା ଶୀଘ୍ର ସରକାର ମଣ୍ଡିରେ ପଡି ରହିଥିବା ଧାନକୁ ନ ଉଠାନ୍ତି ତେବେ ଚାଷୀଙ୍କ ଆକ୍ରୋଶ କି ରୂପ ନେବ ତାହା ଭବିଷ୍ୟତ ହିଁ କହିବ।

# ସର୍ବୋଚ୍ଚଯନ୍ତ୍ରୀଙ୍କ ବାଲିପୋଖରୀ ଏସକେପ ନିର୍ମାଣ ଅନୁଧାନ, ବନ୍ୟାବିପର୍ଯ୍ୟସ୍ତ ସୁରକ୍ଷା କମିଟି ସହ ଆଲୋଚନା

ଭଦ୍ରକ, (ପି.ଏନ): ଏହି ବ୍ଲକର ବୈତରଣୀ ନଦୀର ବାଲିପୋଖରୀ ଏସକେପ କଂକ୍ରିଟକରଣ କାର୍ଯ୍ୟ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଶନିବାର ଅନୁଧାନ କରିବା ସହ ଆଂଚଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ସହ ଆଲୋଚନା କରିଛନ୍ତି। ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ ମହାନ୍ତି, ମୁଖ୍ୟ ଯନ୍ତ୍ରୀ ବିଜୟ କୁମାର ସାମଲ, ଉପମୁଖ୍ୟଯନ୍ତ୍ରୀ ଧନେଶ୍ୱର ସାମଲ, ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡାଇ ପ୍ରମୁଖ ନିର୍ମାଣାଧିନ ଏସକେପ କଂକ୍ରିଟକରଣ କାର୍ଯ୍ୟ ଅନୁଧାନ କରିଥିଲେ। ସୁରକ୍ଷା କମିଟି ପକ୍ଷରୁ ଆବାହକ ଅକ୍ଷୟ କୁମାର ତ୍ରିପାଠୀ, ସଂଯୋଜକ ନାରାୟଣ ଚନ୍ଦ୍ର ବେହେରା କଂକ୍ରିଟକରଣରେ ହେଉଥିବା ଅନୀୟମିତତା ସମ୍ପର୍କରେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ସିଟ ପାଇଲିଂ ୬ ମିଟର ବଦଳରେ ମାତ୍ର ୨.୫ମିଟର କରାଯାଇଛି। ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଯନ୍ତ୍ରୀମଣ୍ଡଳୀ ସୁରକ୍ଷା କମିଟି ଦାବି ମୁତାବକ ଏସକେପ ଉପରିଭାଗ ପ୍ରସ୍ଥ ୭.୫ମିଟର କରାଯିବାକୁ ଅନୁମୋଦନ କରିଥିଲେ। ଏସକେପର ଉଚ୍ଚତା ବୃଦ୍ଧି ସମ୍ପର୍କରେ ନିଷ୍ପତି ନିଆଯିବ ବୋଲି ସୁରକ୍ଷା କମିଟିକୁ ସର୍ବୋଚ୍ଚ ଯନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ସେହିପରି କଂଘାଇର ଉଚ୍ଚତା ବୃଦ୍ଧି ଓ ବଳିଘାଇ ଠାରୁ ମଣିନାଥପୁର ପର୍ଯ୍ୟନ୍ତ କ୍ୟାପିଟାଲ ନଦୀବନ୍ଧ ନିର୍ମାଣ କରାଯିବାକୁ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ପକ୍ଷରୁ ଯନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ଏଥିସହ କମିଟି ପକ୍ଷରୁ ମୁଖ୍ୟଶାସନ ସଚିବଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଫଟୋ-ସର୍ବୋଚ୍ଚ ଯନ୍ତ୍ରୀ।

## ଜିଲ୍ଲାପାଳଙ୍କୁ ଭେଟିଲା ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ଦାବିରେ ଚଳିତ ମାସ ୧୫ ତାରିଖରେ ବାଇକ ର୍‍ୟାଲି ଜିଲ୍ଲା ପରିକ୍ରମା କରିବ। ଆନ୍ଦୋଳନକୁ ବଳ ଦେବା ପାଇଁ ଅଧିକରୁ ଅଧିକ ଜନ ସାଧାରଣ ଏଥିରେ ସାମିଲ ହେବା ସହ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ପାଇଁ ଦାବି ଉପସ୍ଥାନ କରି ଆସୁଥିବା ବେଳେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା, ରାଜଭବନ ସମ୍ମୁଖରେ ଗଣ ଧାରଣା ଓ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଭେଟି ଏହାକୁ ସମର୍ଥନ ଦେବାପାଇଁ ଦାବି ଉପସ୍ଥାପନା କରାଯାଉଛି।

# ସ୍ୱାମୀଙ୍କ ମୃତ୍ୟୁପରେ ବିଧବା ସ୍ତ୍ରୀକୁ ଘରୁ ତଡ଼ିଦେଲେ ଶାଶୂଘର ଲୋକେ

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଧିନ ବଡଗରା ଗ୍ରାମର ସ୍ୱର୍ଗତ ମନୋଜ ରାଉତଙ୍କ ପତ୍ନୀ ଶୁଭଶ୍ରୀ ପାତ୍ରଙ୍କ ଶାଶୂଘର ଲୋକେ ଘରୁ ତଡି ଦେଇଥିବା ନେଇ କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ ୨୦୧୩ ମସିହାରେ ବଡଗରା ଗ୍ରାମର ମନୋଜ ରାଉତଙ୍କ ସହିତ ଶୁଭଶ୍ରୀଙ୍କର ବୈଦିକ ମତେ ବିବାହ ହୋଇଥିଲା। ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇ ଥିଲେ ମଧ୍ୟ ଅଧିକ ଯୌତୁକ ଦାବିରେ ଶାଶୂଘର ଲୋକେ ଶୁଭଶ୍ରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ଦୁବାଇରେ ଚାକିରୀ କରୁଥିବା ମନୋଜ ସମୟକ୍ରମେ ସେଠାରୁ ଆସି ଅନ୍ୟତ୍ର ସ୍ୱାମୀ ସ୍ତ୍ରୀ ଘରଭଡା ନେଇ ରହୁଥିବା ବେଳେ ୨୦୨୩ ଫେବୃଆରୀ ୬ ତାରିଖରେ ସଡକ ଦୁର୍ଘଟଣାରେ ମନୋଜଙ୍କର ମୃତ୍ୟୁ ହୋଇଛି। ତାଙ୍କ କ୍ରିୟାକ୍ରମରେ ଯୋଗ ଦେବା ପାଇଁ ଶାଶୂ ଘରକୁ ଯାଇଥିବା ଶୁଭଶ୍ରୀଙ୍କୁ ଶାଶୂଘର ଲୋକେ ମାରଧର କରିବା ସହ ଘରୁ ତଡି ଦେଇ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଓ ତାଙ୍କର ଦୁଇ ଶିଶୁ କନ୍ୟାଙ୍କୁ ଛଡାଇ ରଖିଥିବା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରେଶ ପାଣ୍ଡେଙ୍କ ନିକଟରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିବା ଜଣାପଡିଛି।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଁଚିଲେ ପ୍ରାକ୍ତନ ବିଧାୟକ ନରେନ

ଭଦ୍ରକ, (ପି.ଏନ): ଭୌଗଳିକ ଦୃଷ୍ଟିକୋଣରୁ ଭଦ୍ରକରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରକୃଷ୍ଟ ସ୍ଥାନ। ସେହିପରି ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା କିମ୍ବା ଭଦ୍ରକରେ ଏକ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି ଦୀର୍ଘ ୨ ଦଶନ୍ଧିର। ଭଦ୍ରକବାସୀଙ୍କ ଭାବାବେଗ ସହିତ ଜଡ଼ିତ ଏହି ୨ଟି ଦାବିକୁ କୌଣସି ରାଜନୈତିକ ଦଳ ସଠିକ ଭାବେ ସରକାରଙ୍କ ନିକଟରେ ଉପସ୍ଥାପନ କରି ପାରି ନାହାନ୍ତି କିମ୍ବା ଜାଣି ଶୁଣି ନିଜର ରାଜନୈତିକ ସ୍ୱାର୍ଥର ସୁରକ୍ଷା ପାଇଁ ଏହି ୨ ପ୍ରସଙ୍ଗରୁ ଦୂରେଇ ରହୁଛନ୍ତି। କେତେବେଳେ କେମିତି ଔପଚାରିକତା ଦୃଷ୍ଟିରୁ ଶାସକ ବିଜେଡି, ବିଜେପି ଓ କଂଗ୍ରେସ ମୁହଁ ଖୋଲିଛନ୍ତି। ତେବେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ହେଉ କିମ୍ବା ଅନ୍ୟ କୌଣସି କାରଣ, ସରକାର ଏହି ୨ଦାବି ପ୍ରତି କୌଣସି ସମୟରେ ସକାରାତ୍ମକ ବିବୃତି ରଖି ନାହାନ୍ତି। ବରଂ ଭଦ୍ରକରେ ସରକାରୀ ମେଡିକାଲ କଲେଜ ସ୍ଥାପନ ପାଇଁ କୌଣସି ଯୋଜନା ନାହିଁ ବୋଲି ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ୍ ପଚାରିଥିବା ପ୍ରଶ୍ନରେ ମିଳିଥିବା ଉ ର ବିଧାନସଭାରୁ ଶୁଣିବାକୁ ମିଳିଛି। ତେବେ ସମସ୍ତ ତିନି ରାଜନୈତିକ ଦଳ ଏହି ଦୁଇ ପ୍ରସଙ୍ଗରେ ପ୍ରଭାବଶାଳୀ ପ୍ରତିବାଦର ସ୍ୱର ସୃଷ୍ଟି କରିପାରୁନଥିବାବେଳେ, ଭଦ୍ରକର ପ୍ରାକ୍ତନ ବିଧାୟକ ନରେନ ପଲେଇ ଏହି ୨ ପ୍ରସଙ୍ଗରେ ନିଜ ଆଭିମୁଖ୍ୟକୁ କଠୋର କରିଛନ୍ତି। ନରେନ ଆଜି ଜିଲ୍ଲାବାସୀଙ୍କ ଏହି ୨ ଦାବିକୁ ନେଇ ଭୁବନେଶ୍ୱରରେ ପହଁଚିଥିଲେ। ଏହି ପ୍ରସଙ୍ଗରେ ନିୟମିତ ନରେନଙ୍କୁ ସମର୍ଥନ ଦେଇ ଆସୁଥିବା ଆନ୍ଦୋଳକାରୀଙ୍କ ମଧ୍ୟରୁ ୭୪ ଜଣ ମଧ୍ୟ ତାଙ୍କ ସହ ଭୁବନେଶ୍ୱରରେ ପହଁଚିଥିଲେ। ସେମାନେ ସିଧାସଳଖ ନବୀନ ନିବାସରେ ପହଁଚି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଁଚିଥିଲେ। ନିବାସର ଯୁଗ୍ମ ସଚିବ ସେଠାରେ ପହଁଚି ଦାବିପତ୍ରକୁ ଗ୍ରହଣ କରିଥିଲେ। ତେବେ ଏହି ଅବସରରେ ନରେନ ନିଜର ପ୍ରତିକ୍ରିୟା ରଖି କହିଛନ୍ତିଯେ, ଏହି ୨ ଦାବି ନେଇ ସେମାନେ ପ୍ରତ୍ରେକ ମାସ ୧୦ ତାରିଖ ୪ଥର ଭଦ୍ରକ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପରବର୍ତ୍ତୀ ୪ ମାସ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରାଯାଇଛି। ଯେପର୍ଯ୍ୟନ୍ତ ଉକ୍ତ ୨ ଦାବିକୁ ସରକାର ଗ୍ରହଣ ନକରିଛନ୍ତି, ସେତେ ଦିନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ନରେନ ସ୍ପଷ୍ଟ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଅରୁଣ ମଜୁମଦାର, କଲ୍ଲୋଳ ଲେଙ୍କା, ଅଭୟ ବେହେରା, ସବ୍ୟସାଚୀ ମହଲା, ଜ୍ୟୋତିପ୍ରକାଶ ମହାନ୍ତି, ପର୍ଶୁରାମ ସେଠୀ, ମନୋଜ ପଣ୍ଡା, ଚଗିଲି ସାହୁ, ଶୁଶାନ୍ତ ଘଡ଼େଇ, ବଳରାମ ରାଉତ, ପ୍ରଶାନ୍ତ ନାଥ, ଧନୁର ସେଠୀ, ମନୋଚଜ ଜତି, ସନ୍ତୋଷ ଧଳ ପ୍ରମୁଖ ସାମିଲ ଥିଲେ।

# ବଲାଙ୍ଗୀରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବଲାଙ୍ଗୀର, (ପି.ଏନ): ସ୍ଥାନୀୟ ସିଭିଲ୍ କୋର୍ଟ ପରିସରରେ ବଲାଙ୍ଗୀର ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ନ୍ୟାୟାଧିଶ ଭିଜିଲାନ୍ସ ନ୍ୟାୟାଳୟ, ବଲାଙ୍ଗୀର ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ଜିଲ୍ଲା ସମେତ ଜିଲ୍ଲାରେ ଥିବା ସମସ୍ତ ତାଲୁକ ସ୍ତରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ବେଣୁଧର ପାତ୍ର, ଜଜ୍ ଫ୍ୟାମିଲି କୋର୍ଟ, ବଲାଙ୍ଗୀର ଶ୍ରୀମତୀ ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଥମ, ବଲାଙ୍ଗୀର, ଅମିତ୍ କୁମାର ବାରିକ, ରେଜଷ୍ଟ୍ରାର, ସିଭିଲ କୋର୍ଟ, ବଲାଙ୍ଗୀର, ଜନ୍ମେଜୟ ପଲେଇ, ସିଭିଲ୍ ଜଜ୍(ବରିଷ୍ଠ), ବଲାଙ୍ଗୀର, ଶ୍ରୀମତୀ ସସ୍ମିତା ସେଠୀ, ସିଭିଲ୍ ଜଜ୍(କନିଷ୍ଠ), ବଲାଙ୍ଗୀର, ମନୋଜ ମହାନ୍ତି, ବଲାଙ୍ଗୀର, ପ୍ରକାଶ କୁମାର କର, ଜେ.ଏମ୍.ଏଫ୍.ସି, ବଲାଙ୍ଗୀର, ଶ୍ରୀମତୀ ଭାଗ୍ୟଶ୍ରୀ ପତି, ଜେ.ଏମ୍.ଏଫ୍.ସି., ବଲାଙ୍ଗୀର, ପବ୍ଲିକ ପ୍ରୋସିକ୍ୟୁଟର(ଜିଲ୍ଲା ଜଜ୍ କୋର୍ଟ), ବଲାଙ୍ଗୀର ସୁବାଷ ଚନ୍ଦ୍ର ମହାନ୍ତ ଏବଂ ସମସ୍ତ ଓକିଲମାନେ ଉପସ୍ଥିତ ଥିଲେ। ଉକ୍ତ ଲୋକ ଅଦାଲତକୁ ବିନୟ କୁମାର ପାତ୍ର, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀର ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୪୬ଟି ଦେୱାନୀ ମକୋଦ୍ଦମା ଫଇସଲା ହୋଇଥିବାବେଳେ ୧୦ଟି ବ୍ୟାଙ୍କ ମୋକଦ୍ଦମାର ସମାଧାନ କରାଯାଇ ଟ. ୨୦,୯୪,୫୪୨.୫୦ ଆଦାୟ ହୋଇଥିଲା। ୧୯ଟି ମଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ମୋଟ୍ ଟ.୧୧,୦୭୫,୦୦୦/- କ୍ଷତିପୁରଣ ଦେବା ପାଇଁ ଆଦେଶ ଦିଆଯାଇଥିଲା। ୨୫୩ଟି ଫୌଜଦାରି ମକୋଦ୍ଦମାର ଫଇସଲା କରାଯାଇ ଟ୧୧୦୦/-ର ଜୋରିମାନା ଆଦାୟ ହୋଇଥିଲା। ୨୭୮ଟି ପ୍ରାକ୍? ମକୋଦ୍ଦମା ମାମଲାର ସମାଧାର କରାଯାଇ ଟ୪୯,୮୬,୭୨୨/- ଆଦାୟ ହୋଇଥିଲା। ପାରିବାରିକ ମିଳାମିଶାରେ ୧୩ଟି ମାମଲା ଫଇସଲା ହୋଇଥିଲା।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଖଜୁରୀପଡ଼ା ବିଜେପିର କାର୍ଯ୍ୟକାରିଣୀ ବୈଠକ

କନ୍ଧମାଳ ,(ପି.ଏନ): ଖଜୁରୀପଡ଼ା ନିକଟସ୍ଥ ସମ୍ମେପଦର ଜଳାଶୟ ପଡ଼ିଆରେ ଆଜି ଖଜୁରୀପଡ଼ା ମଣ୍ଡଳ ସଭାପତି ଦଶରଥ ସାହୁଙ୍କ ତତ୍ୱାବଧାନରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକରେ ହୋଇଥିବା ନିଷ୍ପତି ପ୍ରକାରେ ଦଳର ସାଙ୍ଗଠନିକ ଆଲୋଚନା ହୋଇଥିବା ବେଳେ ଦଳ କିଭଳି ସମସ୍ତ ବୁଥକୁ ସକ୍ରୀୟ କରି ଆଗାମୀ ସାଧାରଣ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ସେନେଇ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ବୁଥ୍ କମିଟି, ଶକ୍ତିକେନ୍ଦ୍ର ଏବଂ ମଣ୍ଡଳ କମିଟିକୁ ପୂର୍ଣାଙ୍ଗ କରି ଆଗାମୀ ଦିନରେ ଦଳର ସାଙ୍ଗଠନିକ ସ୍ଥିତିକୁ ମଜବୁତ କରିବାକୁ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ମତପ୍ରକାଶ କରିଥିଲେ। କାର୍ଯ୍ୟକାରିଣୀ ବୈଠକରେ ପ୍ରଭାରୀ ଶ୍ରୀଯୁକ୍ତ ଭଗବାନ ମହାନ୍ତି ଯୋଗଦାନ କରି ଦଳର ରଣନୀତି କଣ ରହିବ ଏବଂ ସଂଗଠନ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସେହିଭଳି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ଅନୁସୁଚିତ ଜାତିମୋର୍ଚ୍ଚା ସଭାପତି ଅନନ୍ତ କୁମାର ଦିଗାଲ, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ, ଯୁବମୋର୍ଚ୍ଚା ସଭାପତି ରାଇକିଶୋର ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜନ କୁମାର କହଁର, ଓବିସି ମୋର୍ଚ୍ଚା ସଭାପତି କେଦାରଗୌରୀ ସାହୁ, ଅନୁସୁଚିତ ଜାତିମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଶ୍ରୀ ଦେବରାଜ ମୁଖି, ଯୁବମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଗୋଲକବିହାରୀ ମଲିକ, ବିପିନି ବିହାରୀ ଯାନୀ, ସମୀର ପ୍ରସାଦ ଝାଙ୍କର, ବିକ୍ରମସେନ ଦେହୁରୀ,ଦିପକ ବିଶୋୟୀ, ଆସ୍ତିକ ମଲିକ ଭାଗବତ ପ୍ରଧାନ, ଅମର ମଲିକ, ପ୍ରଦୀପ କହଁର, ଅନିଲ କୁମାର ସେଠୀଙ୍କ ସହ ବହୁ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତାପାର୍ଟିର ନିତିଆଦର୍ଶରେ ଅନୁପ୍ରାଣିତ ହୋଇ ଦୁତିମେଣ୍ଡି ଗ୍ରାମପଞ୍ଚାୟତ ୫ ନମ୍ବର ୱାର୍ଡସଭ୍ୟ ଶ୍ରବଣ କୁମାର ଯାନୀ ଭାରତୀୟ ଜନତାପାର୍ଟିରେ ଯୋଗଦାନ କରିଥିବା ବେଳେ ସଭାପତି ଶ୍ରୀ ସାହୁ ତାଙ୍କୁ ସ୍ୱାଗତ କରିଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।



# ମୋ ଓଡ଼ିଶା



## ଓବେସୋଫୋବିଆ





ଓଜନ ବଢ଼ିବା, ବର୍ତ୍ତମାନ ସମୟରେ ସବୁଠୁ ବଡ଼ ଚିନ୍ତା ଭିତରୁ ଗୋଟିଏ। ଓଜନ ବୃଦ୍ଧି ପାଇବା ଅନେକ ରୋଗର କାରଣ ପାଲଟୁଛି। ଏହି କାରଣରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ଓଜନ ନିୟନ୍ତ୍ରିତ ରଖିବା ପାଇଁ ପରାମର୍ଶ ଦେଉଛନ୍ତି। କେହି କେହି ଓଜନ ବୃଦ୍ଧିକୁ ନେଇ ଏତେ ଚିନ୍ତିତ ହୋଇପଡୁଛନ୍ତି ଯାହା ଏକ ମାନସିକ ସମସ୍ୟାରେ ପରିଣତ ହେଉଛି। ଯଦି ଆପଣ ବି ସବୁବେଳେ ଓଜନ ବୃଦ୍ଧିକୁ ନେଇ ଭୟ କରୁଥିବେ, କାଳେ ମୋର ଓଜନ ବଢ଼ିଯିବନି। ତା'ହେଲେ ଏହାକୁ ଫୋବିଆ ରୂପରେ ଦେଖାଯାଇଥାଏ। ଏହି ଫୋବିଆକୁ ଡାକ୍ତରୀ ଭାଷାରେ କୁହାଯାଇଥାଏ ଓବେସୋଫୋବିଆ। ଓବେସୋଫୋବିଆ ଓଜନ ବୃଦ୍ଧିକୁ ନେଇ ମନରେ ଆସୁଥିବା ଏକ ଅସାମାନ୍ୟ ଡର, ଯାହା ବ୍ୟକ୍ତିର ଖାଦ୍ୟପେୟ ଅଭ୍ୟାସକୁ ପ୍ରଭାବିତ କରିଥାଏ। ଏହି ଫୋବିଆରେ ପୀଡ଼ିତ ବ୍ୟକ୍ତି ଅନ୍ୟ ମାନସିକ ରୋଗ ଯେମିତି ଏନେରେକ୍ସିଆ, ବୁଲିମିଆ ପରି ରୋଗରେ ମଧ୍ୟ ପୀଡ଼ିତ ଥାଆନ୍ତି। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତି ଅଧିକ ମୋଟା ଲୋକଙ୍କୁ ଘୃଣା କରିଥାନ୍ତି। ଏମିତିକି ସେମାନେ କିଛି ବି ଖାଇବାକୁ ଭୟ କରିଥାନ୍ତି। ଓବେସୋଫୋବିଆ ହେବାର ଅନେକ କାରଣ ରହିଛି। ପିଲାଦିନେ ଓଜନକୁ ନେଇ କୌଣସି ଖରାପ ଅନୁଭବ କିମ୍ବା ଆଖପାଖ ପରିବେଶ ଏହି ମାନସିକ ରୋଗ ହେବାର କାରଣ ହୋଇପାରେ। ନଚେତ ଏହି ମାନସିକ ରୋଗ ଯଦି ପରିବାରରେ କାହାକୁ ହୋଇଥିବ ତା'ହେଲେ ଘରର ଅନ୍ୟ ସଦସ୍ୟଙ୍କୁ ହେବାର ମଧ୍ୟ ଆଶଙ୍କା ଥାଏ। ଅନ୍ୟ କାରଣ ଗୁଡ଼ିକରେ ସାମାଜିକ ଚିନ୍ତା, ମନରେ ଅସୁରକ୍ଷିତ ଭାବନା କିମ୍ବା ଲୋକଙ୍କ ଆଲୋଚନାର କାରଣ ମଧ୍ୟ ମନରେ ମୋଟା ହେବାର ଭୟ ସୃଷ୍ଟି କରିଥାଏ। ଅନେକ ଲୋକ ଏହାର ଲକ୍ଷଣ ଜାଣି ପାରିନଥାନ୍ତି। ଏହାକୁ ଉତ୍ତମ ଖାଦ୍ୟ ଅଭ୍ୟାସ ବୋଲି ଭାବିଥାନ୍ତି। କିନ୍ତୁ ଏହି ଅଭ୍ୟାସ ଓବେସୋଫୋବିଆର କାରଣ ହୋଇପାରେ। ସ୍ୱାସ୍ଥ୍ୟକର ଡାଏଟ୍ ଅନୁସରଣ କରିବା ଓବେସୋଫୋବିଆ ନୁହେଁ। କିନ୍ତୁ ଯଦି କେହି ପତଳା ରହିବା ପାଇଁ ଆବଶ୍ୟକତାଠାରୁ ଅଧିକ ଡାଏଟ ଅନୁସରଣ କରିବା, ଏକ୍ସରସାଇଜ କରିବା ଏବଂ ଭୋକିଲା ରହିବା ଓବେସୋଫୋବିଆର ଲକ୍ଷଣ ହୋଇପାରେ। ଓବେସୋଫୋବିଆର କୌଣସି ଗୋଟିଏ ଚିକିତ୍ସା ନାହିଁ। ଓବେସୋଫୋବିଆରେ ପୀଡ଼ିତ ବ୍ୟକ୍ତିର କାରଣ ବୁଝି ଡାକ୍ତର ଏହାର ଚିକିତ୍ସା କରିଥାନ୍ତି। ଥେରାପି ଏବଂ ବ୍ରେନ୍ ଏକ୍ସରସାଇଜରେ ମଧ୍ୟ ଭଲ ହୋଇପାରେ।

**—ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ: ୯୧୩୨୪୩୩୩୩୩

## ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ବ୍ୟବସ୍ଥା ସମିତିର ସଭାପତି ଦାୟିତ୍ୱ ନେଲେ ହରିଶ୍ଚନ୍ଦ୍ର ପରିଡା

ମାଲକାନଗିରି, (ପି.ଏନ): ଦୀର୍ଘଦିନ ଧରି ବ୍ୟବସ୍ଥା ସମିତି ନଥାଇ ଗୋବିନ୍ଦ ପାଲ୍ଲୀ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ପରିଚାଳନା ଉପଜିଲ୍ଲାପାଳଙ୍କ ସଭପତିତ୍ୱରେ ଚାଲି ଆସୁଥିଲା । ତେବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନୂଆ ସମିତି ଗଠନ ପାଇଁ ଅନୁମୋଦନ ଦେବା ପରେ ଶିକ୍ଷାବିତ୍ ହରିଶ୍ଚନ୍ଦ୍ର ପରିଡା ବ୍ୟବସ୍ଥା ସମିତିର ସଭାପତି ଦାୟିତ୍ୱ ଆଜି ନେଇଛନ୍ତି । ତାଙ୍କୁ ମହାବିଦ୍ୟାଳୟର ଅଧକ୍ଷ ତ୍ରୈଲୋକ୍ୟନାଥ ସାହୁଙ୍କ ସହିତ ସମସ୍ତ କର୍ମଚାରୀ ଓ ଅଧ୍ୟାପକମାନେ ଫୁଲ ତୋଡା ଦେଇ ସ୍ୱାଗତ କରିଛନ୍ତି । ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କ ଭିତରେ ନୂଆ ସମିତି ଗଠନ ନେଇ ଏକ ଉତ୍ସାହ ଦେଖିବାକୁ ମିଳିଛି । ପ୍ରତ୍ୟେକ ଅନୁମୋଦନ ଓ ପରିଚାଳନା ପାଇଁ ବହୁତ ବ୍ୟସ୍ତ ରହୁଥିବା ଉପଜିଲ୍ଲାପାଳଙ୍କ ନିକଟକୁ ୫୦ କିଲୋମିଟର ଯିବାକୁ ପଡୁଥିଲା, ତେଣୁ କଲେଜର ଅନେକ କାମ ସମୟ ଅନୁସାରେ ହେଉଥିବା ଅସୁବିଧାରୁ ମୁକ୍ତି ମିଳିବା ସହିତ ଆଗକୁ ଠିକ ସମୟରେ ସବୁ ଉନ୍ନତିମୂଳକ କାମ ସହଜରେ ହୋଇପାରିବ ଓ କୌଣସି ନିର୍ଣ୍ଣୟ ନେବା ସହଜ ହେବ ବୋଲି ମତ ପ୍ରକାଶ ପାଇଛି । ନିଜେ ହରିଶ୍ଚନ୍ଦ୍ର ପରିଡା ଜଣେ ଶିକ୍ଷାବିତ ହୋଇଥିବାରୁ ତାଙ୍କ ଦାୟିତ୍ୱ ନେବାପରେ ଅଂଚଳରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉନ୍ନତି ହେବ ବୋଲି ଆକଳନ କରାଯାଉଛି ।

## 'ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି'



ଖୋରଧା (ପିଏନ୍)-ଆମରି ସତ୍ୟ ବିକାଶ ପରିଷଦ ତରଫରୁ 'ଅନୁବାଦ ସାହିତ୍ୟ' ଉପରେ ଏକ ଆଲୋଚନା ଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟ, ଖୋରଧାଠାରେ ଡ ପ୍ରମୋଦ ଚନ୍ଦ୍ର ଦାଶଙ୍କ ଅଧକ୍ଷତା ଏବଂ ସମରଜିତ୍ ପଟ୍ଟନାୟକଙ୍କର ପରିଚ୍ଛଳନାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତଥା ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁବାଦ ଶ୍ରୀଯକ୍ତ ସୁଭାଷ ଶତପଥୀ ଓଡ଼ିଆ ଭାଷାରେ ଭାରତୀୟ ପ୍ରାନ୍ତୀୟ ଭାଷା ସାହିତ୍ୟର ଅନୁବାଦର ଆବଶ୍ୟକତା ଅଛି ଏବଂ ଅନୁବାଦକମାନେ ଅନୁବାଦ ତତ୍ତ୍ୱକୁ ବୁଝିବା ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକର ଅନ୍ୟଭାଷାରେ ଅନୁବାଦ ପୁସ୍ତକର ସଂଖ୍ୟା ନଗଣ୍ୟ ଅଟେ। ଅନୁବାଦକଙ୍କୁ ସାହିତ୍ୟିକଙ୍କଠାରୁ କମ ମୂଲ୍ୟାୟନ କରାଯାଇପାରେନା । ଅନୁବାଦ ସାହିତ୍ୟ ମୂଳ ସାହିତ୍ୟଠାରୁ କୌଣସି ଗୁଣରେ କମ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା। ସମ୍ମାନୀତ ଅତିଥି କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସ୍ୱୀକୃତିପ୍ରାପ୍ତ ଅନୁବାଦକ ଆଶୀଷ କୁମାର ରାୟ ହିନ୍ଦୀରେ କିଛି ପୁସ୍ତକ ଅନୁବାଦ କରିଛନ୍ତି। ତାଙ୍କ ମତରେ ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧଗୁଡ଼ିକର ଅନ୍ୟାନ୍ୟ ଭାଷାରେ ଅନୁବାଦର ସମୟ ଆସିଛି। ଅନ୍ୟତମ ଅତିଥି ମଂଚ ତଥା ଭିଡିଓ ନାଟ୍ୟଶିଳ୍ପ ସମରଜିତ୍ ପଟ୍ଟନାୟକ କହିଲେ ତାଙ୍କ ଅନୁବାଦର ମୂଲ୍ୟାୟନ ପାଠକ କରିବେ। ସେ ତାଙ୍କ କାମ କରିଛନ୍ତି କେବଳ। ସେ ବୁଦ୍ଧଦେବ ବସୁଙ୍କ ଚରିତ୍ର ଏବଂ ବିତର୍କିତ ଉପନ୍ୟାସ 'ରାତଭରେ ବ୍ରିଷ୍ଟି'ର ଓଡିଆ ଅନୁବାଦ କରିଛନ୍ତି। ଅନୁଦିତ ବହିର ନାଁ ରହିଛି-ମୁଁ ମାଳତୀ କହୁଛି।

ବିଶ୍ୱାମିତ୍ର ସେବା ଟ୍ରଷ୍ଟର ଅଧକ୍ଷ ରାମଶଙ୍କର ଅତିଥି ପରିଚୟ ଦେଇଥିଲେ। ଆଲୋଚନାରେ ଗାଳ୍ପିକ ସୁନିଲ ବୋଷ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ପ୍ରାକ୍ତନ ଅଧକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ସ୍ୱପ୍ନାରାଣୀ ପାଣିଗ୍ରହୀ, ସାହିତ୍ୟ ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, କାଶୀନାଥ ଦାସ, ଆଦି ନାରାୟଣ ଖଣ୍ଡୁଆଳ, ରାଜେନ୍ଦ୍ର ପ୍ରସାଦ ନାୟକ, ନଟବର ସାହୁ, ବିଭୁପ୍ରସାଦ ହରିଚନ୍ଦନ, କିଶୋର ପାଇକରାୟ, ବାସୁଦେବ ସାହୁ, ଦାଶରଥି ପଟ୍ଟନାୟକ, ନଟବର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜବାହାରଲାଲ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

## ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବଉଳାବନ୍ଧର ପ୍ରଖ୍ୟାତଯଶା କଳାକାର ତଥା ନାଟ୍ୟ ସଂଳାପ ଲେଖକ ତ୍ରିନାଥ ଚରଣ ସାହୁଙ୍କ ନାମରେ ନାମିତ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଡିଏ କଲୋନୀସ୍ଥ ଗାୟତ୍ରୀ ମନ୍ଦିର ପରିସରରେ 'ରାମାୟଣର ସାମାଜିକ ପ୍ରତିଫଳନ' ନେଇ ଏକ ଆଲୋଚନାଚକ୍ର ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ବିଶିଷ୍ଟ କୂଟନୀତିଜ୍ଞ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଅଧକ୍ଷ ଅବସର ବେଉରିଆଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ସାନଭାଇ ସ୍ୱର୍ଗତଃ ଭବାନୀଚରଣ ପଟ୍ଟନାୟକଙ୍କ ପଚାଶ ବର୍ଷ ତଳର ପାଣ୍ଡୁଲିପି 'ଆଦରିଣୀ' ତାଙ୍କ ନାତୁଣୀ ଜ୍ୟୋତିପ୍ରଭା ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ହୋଇ ଉନ୍ମୋଚିତ ହୋଇଥିଲା। ଏହି କବିତା ପୁସ୍ତକର ସଂଗୀତ ଶୈଳୀ ମନୋମୁଗ୍ଧକର ବୋଲି ମତପ୍ରକାଶ ପାଇଥିଲା। ସେହିପରି ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ଲିଖିତ 'ଉତ୍କଳ ସାରସ୍ୱତ ଜଗତର ଅମ୍ଳାନ ପ୍ରତିଭା' ଶୀର୍ଷକ ପ୍ରବନ୍ଧ ପୁସ୍ତକ ଉନ୍ମୋଚିତ ହୋଇଥିଲା। 'ରାମାୟଣ' ଉପରେ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପ୍ରଫେସର ଡ. ପତିତପାବନ ଦଳାଇ, ମୁଖ୍ୟବକ୍ତା ରୂପେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ଏବଂ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଆଡଭୋକେଟ୍ ଶିବସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦୟାନିଧି ସାହୁ ଯୋଗଦେଇ ରାମାୟଣ-ତ୍ୟାଗ ଓ ମହନୀୟତାର ଏକ ଅମୂଲ୍ୟ ଗ୍ରନ୍ଥ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରାଧାପକ ଗୋପାଳକୃଷ୍ଣ ଦାସ, ଗୟାପ୍ରସାଦ ମିଶ୍ର, ସମରେନ୍ଦ୍ର ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଡ. ଚପଳା ପଣ୍ଡା, ବିଳାସିନୀ ଦାଶ, ସୌଭାଗ୍ୟକୁମାର କର, ବ୍ରଜକିଶୋର ସାହୁ, ଆଡଭୋକେଟ୍ ବିକ୍ରମକେଶରୀ ଚମ୍ପତି, ନଳିନୀ ଦାଶ, ନାରାୟଣ ଦାସ ଓ ଶାନ୍ତିଲତା ଦେବୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନୀଳାଦ୍ରି ଜଗଦ୍ଦେବ, କୈଳାସ ଚନ୍ଦ୍ର ପୃଷ୍ଟି ଓ ପଣ୍ଡିତ ବାସୁଦେବ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ସଂସଦର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ଆୟୋଜିକା ଇତିଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ। ଜ୍ୟୋତିରଞ୍ଜନ ସାହୁ, ଦିଲ୍ଲୀପ କୁମାର କର ଓ ସୁକାନ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଡିସେମ୍ବର ୪ରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର (ପିଏନ୍): ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କୋଣାର୍କ ଉତ୍ସବ-୨୦୨୨ ଅବସରରେ ଆସନ୍ତା ଡିସେମ୍ବର ୪ ତାରିଖରେ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହେବ। କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ପୂର୍ବାହ୍ନ ୯ଟା୩୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୁଇଟି ଅଧିବେଶନରେ ସାହିତ୍ୟ ଆଲୋଚନା, ବ୍ୟଙ୍ଗ କବିତା ଆସର, ଅଣୁଗଳ୍ପ ଓ କବିତା ପାଠ, ପୁସ୍ତକ ଉନ୍ମୋଚନ ସହିତ ଚଳିତବର୍ଷ ୯ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନୀତ କରାଯିବ ବୋଲି କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି। ଚଳିତବର୍ଷ ବିଶିଷ୍ଟ କବୟିତ୍ରୀ ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ 'କୋଣାର୍କ ସାହିତ୍ୟ ସମ୍ମାନ', ବିଶିଷ୍ଟ ପ୍ରାବନ୍ଧିକ ତଥା ଗବେଷକ ଡକ୍ଟର ବିବୁଧ ରଞ୍ଜନଙ୍କୁ 'ଅର୍କପ୍ରଜ୍ଞା ସମ୍ମାନ', ବିଶିଷ୍ଟ ବ୍ୟଙ୍ଗକବି ସତ୍ୟାନାଶଙ୍କୁ 'ବ୍ୟଙ୍ଗରାଜ ସମ୍ମାନ', ବିଶିଷ୍ଟ ଭାଷ୍ୟକାର ତଥା ସଂଯୋଜକ ଡକ୍ଟର ମୃତ୍ୟୁଞ୍ଜୟ ରଥଙ୍କୁ 'କୋଣାର୍କ ଉତ୍ସବ ସମ୍ମାନ', ଚିତ୍ରଶିଳ୍ପୀ ତଥା ଅଭିନେତା ଚିନ୍ତାମଣି ବିଶ୍ୱାଳଙ୍କୁ 'କୋଣାର୍କ କଳା ସମ୍ମାନ', ଭୁବନେଶ୍ୱରସ୍ଥିତ ଇଫକୋ କାର୍ଯ୍ୟାଳୟକୁ 'ଓଡିଆ ରାଜଭାଷା ସମ୍ମାନ', ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ରାଜକିଶୋର ଗୋଛାୟତଙ୍କୁ 'ଅର୍କସ୍ୱର ସମ୍ମାନ', ବିଶିଷ୍ଟ ସମାଜସେବୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ 'କୋଣାର୍କ ସେବା ସମ୍ମାନ' ଓ କବୟିତ୍ରୀ ସୁଜାତା ସିହ୍ନାଙ୍କୁ 'ମା ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ' ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ବ୍ୟଙ୍ଗକବି ସର୍ବଗିଳାଙ୍କ ରଚିତ ପୁସ୍ତକ 'ଭଦ୍ର ଖେଚଡ'ର ପାଠକାର୍ପଣ କରାଯିବ। ସାହିତ୍ୟ ଓ ଚିତ୍ରକଳାର ଯୁଗଳବନ୍ଦୀ କାର୍ଯ୍ୟକ୍ରମରେ ଏକାଧିକ ଚିତ୍ରଶିଳ୍ପୀ ଚିତ୍ରକଳା ପ୍ରଦର୍ଶନ କରିବେ। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ସାରସ୍ୱତ ଉତ୍ସବରେ ଓଡିଶା ତଥା ରାଜ୍ୟ ବାହାରୁ ଦୁଇଶହରୁ ଅଧିକ ସାହିତ୍ୟ ସାଧକ ଓ ସାହିତ୍ୟପ୍ରେମୀ ଯୋଗଦେବେ ବୋଲି କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ କୁହାଯାଇଛି। ଆୟୋଜିତ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାନରସେନା ସଂପାଦକ ପ୍ରକାଶଚନ୍ଦ୍ର ଖଟୋଇ, କବୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିତ୍ତରଂଜନ ବିଶ୍ୱାଳ, କୋଣାର୍କ ଓକିଲ ସଂଘ ସଭାପତି ଶ୍ରୀଜୟ ବରାଳ, ସମାଜସେବୀ ନିରଞ୍ଜନ ସାହୁ, ରାମକୃଷ୍ଣ ମହାନ୍ତି, ନିରଂଜନ ତ୍ରିପାଠୀ ଓ କୁନାଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ ଗାର୍ଡ଼ କାର୍ଯ୍ୟାଳୟରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୪ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମୁଖ୍ୟଅତିଥି ଓ ସ୍ତମ୍ଭକାର ନବଘନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆ ଓଡ଼ିଶା ଗଠନରେ ମହତାବଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକାରୀ ସଭାପତି କାହ୍ନୁ ଚରଣ ଦାଶ ଅତିଥି ପରିଚୟ ପ୍ରଦାନ ଓ ସାଧାରଣ ସଂପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ । କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ, ଶିଶୁ ସାହିତ୍ୟିକ ଡ. ମହେଶ୍ୱର ଜେନାସାମନ୍ତ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ସାହିତ୍ୟିକ ଧ୍ରୁବ ଚରଣ ବିଶ୍ୱାଳ, ଗୋବିନ୍ଦଚନ୍ଦ୍ର ସାହୁ, ଗୋଲକ ଚନ୍ଦ୍ର ପଲେଇ, ଶରତ କୁମାର ଶତପଥୀ, ଗଣେଶ୍ୱର ବେହେରା, ସତ୍ୟାନନ୍ଦ ପ୍ରଧାନ, ଅଖିଳ କୁମାର ସ୍ୱାଇଁ, ସରୋଜିନୀ ପଣ୍ଡା ଓ କାଦମ୍ବିନୀ ମିଶ୍ର ଯୋଗଦେଇ ଡ. ମହତାବଙ୍କ ସାହିତ୍ୟକୃତି, ସାମ୍ବାଦିକତା ଓ ରାଜନୈତିକ ଜୀବନର ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଗବେଷିକା ଡ. ସସ୍ମିତା ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

## ରାସ୍ତାରେ ବୋହିଯାଉଛି କେନାଲ ପାଣି



ଧର୍ମଶାଳା (ପିଏନ୍): ଚାଷଜମିକୁ ଜଳସେଚନ କରିବାପାଇଁ କେନାଲ୍ ମାଧ୍ୟମରେ ପାଣି ଛଡ଼ାଯାଉଛି । ହେଲେ ନିମ୍ନମାନର ମରାମତି କାମ ପାଇଁ ରାସ୍ତାରେ ବୋହିଯାଉଛି କେନାଲ୍ ପାଣି । ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଦୁବଗଡ଼ିଆ ମୌଜାରେ ଏଭଳି ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି । ଦୁର୍ବଳ କେନାଲ ବନ୍ଧ ଓ ମରାମତି ଅଭାବରୁ କେନାଲରୁ ପାଣି ବୋହିଯାଇ ରାସ୍ତାରେ ଲହଡ଼ି ଭାଙ୍ଗୁଛି । ପାଣିକାଦୁଅ ରାସ୍ତାରେ ଯାତାୟାତ କରିବା ସ୍ଥାନୀୟ ଅଂଚଳବାସୀଙ୍କ ପାଇଁ କଷ୍ଟକର ହେଉଛି । ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚାଷୀମାନେ ବାରମ୍ବାର ଅବଗତ କରୁଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ବିରୂପା ନଦୀରୁ ହାଇଲେଭଲ୍ କେନାଲ୍ ମାଧ୍ୟମରେ ଧର୍ମଶାଳା ବ୍ଲକର ଛାଷଜମି ପାଇଁ ପାଣି ଛଡ଼ାଯାଏ । ହାଇଲେଭଲ୍ କେନାଲରୁ ୧୩ ଓ ୧୪ନମ୍ବର କେନାଲ୍ ଦେଇ ବିଭିନ୍ନ ଅଂଚଳକୁ ପାଣିଯାଉଛି । ଦୁବଗଡ଼ିଆ ମୌଜାରେ ୧୪ନମ୍ବର କେନାଲରୁ ବାହାରିଥିବା ଶାଖା କେନାଲରେ ଶଙ୍ଖାରିଡ଼ିହ ମୌଜାକୁ ପାଣି ଯାଇଥାଏ । ହେଲେ ଏହି ଶାଖା କେନାଲର ଦୁବଗଡ଼ିଆ ଗାଁ ଶ୍ମଶାନ ନିକଟରେ ବାରମ୍ବାର ଘଳିଆ ପଡୁଛି । କେନାଲରୁ ପାଣି ବାହାରି ନିକଟରେ ଥିବା ରାସ୍ତାରେ ପ୍ରବାହିତ ହେଉଛି । ଏହି ରାସ୍ତାରେ ସ୍ଥାନୀୟ ଉତର ଶାସନ, ନାଉପାଳ ଓ ଦୁବଗଡ଼ିଆ ଆଦି ଗ୍ରାମର ଶହ ଶହ ଲୋକ ଏବଂ ବହୁ ଗାଡ଼ିମୋଟର ଯାତାୟାତ କରୁଛନ୍ତି । ଅନେକ ସମୟରେ ଉକ୍ତ ରାସ୍ତାରେ କେନାଲ ପାଣି ପ୍ରବାହିତ ହେଉଛି । ଫଳରେ ଯା'ଆସ କରିବାରେ ବହୁ ସମସ୍ୟା ସୃଷ୍ଟି ହେବାସହିତ ରାସ୍ତା ନଷ୍ଟ ହେଉଛି । ଏନେଇ ସ୍ଥାନୀୟ ଚାଷୀ ବହୁବାର ଜାରକା ସେଚ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉନାହିଁ। ପ୍ରତିବର୍ଷ ଚାଷୀମାନେ ଜଳକର ଦେଉଥିବା ବେଳେ ଆବଶ୍ୟକ ଅନୁଯାୟୀ କେନାଲ ପାଣି ପାଇପାରୁନାହିଁ । ଫଳରେ ପାଣି ଅଭାବରୁ ଫସଲହାନୀ ହେଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବିଦ୍ୟୁତ୍ କର୍ମଚାରୀଙ୍କୁ ଗୋଡ଼ାଇଲେ ଗ୍ରାହକ

ଧର୍ମଶାଳା (ଇମିସ): ବିନା ଅନୁମତିରେ ଘରେ ପଶି ବିଦ୍ୟୁତ୍ ବ୍ୟବହାର ଯାଂଚ କରୁଥିବା ଟାଟା କମ୍ପାନୀର କର୍ମଚାରୀଙ୍କୁ ବିଦ୍ୟୁତ୍ ଗ୍ରାହକମାନେ ଗାଳିଗୁଲଜ କରିବା ସହିତ ଘଉଡ଼ାଇ ଦେଇଛନ୍ତି । ତେବେ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି । ପ୍ରକାଶ ଯେ, ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଜଣେ ଗ୍ରାହକଙ୍କ ବିଦ୍ୟୁତ୍ ବ୍ୟବହାର ଯାଂଚ କରିବାପାଇଁ କେତେକ କର୍ମଚାରୀ ତାଙ୍କ ଘରେ ପଶିଥିଲେ । ବିନା ଅନୁମତିରେ ଅଜଣା ଲୋକମାନେ ହଠାତ୍ ଘର ଭିତରେ ପଶିଯିବାରୁ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ଏହାକୁ ନେଇ କାର୍ଯ୍ୟରତ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଗ୍ରାହକଙ୍କ ସଂପର୍କୀୟମାନେ ଘରୁ ତଡ଼ି ଦେଇଥିଲେ । ବିଦ୍ୟୁତ୍ କର୍ମଚାରୀଙ୍କ ମାତ୍ରାଧିକ କଟକଣା ଓ ଯାଂଚକୁ ନେଇ ଅନେକ ସମୟରେ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବା ଜଣାପଡ଼ିଛି ।

## ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ: ୧୨୦ ଜଣ ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର (ପିଏନ୍): କଳିଙ୍ଗନଗର ସେବା ସମିତି ତରଫରୁ ରକ୍ତଦାତା ସମ୍ବର୍ଦ୍ଧନା ସମାରୋହ ଉତ୍ସବ ସ୍ଥାନୀୟ ସାଇ ରେସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରକୁ ଓଡିଶାର କୋଣ ଅନୁକୋଣରୁ ଆସୁଥିବା ରୋଗୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ରକ୍ତଦାନ କରୁଥିବା ବନ୍ଧୁମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି । ଏହି ସମ୍ବର୍ଦ୍ଧନା ସମାରୋହରେ ଯେଉଁମାନେ ତିନିଥରରୁ ଅଧିକ ଥର ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାରେ ସାହାଯ୍ୟ କରିଛନ୍ତି, ସେହିପରି ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆମ୍ରି ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସିଦ୍ଧାର୍ଥ ମିଶ୍ର ମୁଖ୍ୟ ଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତପ୍ରଚାରକ ଶ୍ରୀ ବିପିନ୍ ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଓ ସଂଘର ମହାନଗର ସଂଘଚାଳକ ଡ. ବସନ୍ତ କୁମାର ପତି ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ୧୨୦ ଜଣ ରକ୍ତଦାତାଙ୍କୁ ଆୟୁର୍ବେଦିକ ବୃକ୍ଷ, ମାନପତ୍ର ଦେଇ ସମ୍ମାନୀତ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଗୋଁଣ୍ଡ ସମାଜର ଆରାଧ୍ୟ ଦେବତା ଜଙ୍ଘା ବଡ଼ଦେଓଙ୍କ ଆଶୀର୍ବାଦ ନେଲେ

ସମ୍ବଲପୁର, (ପି.ଏନ): ଅତୀତରେ ଦେଶକୁ ସ୍ୱାଧୀନତା ଦେବାରେ ଗୋଁଣ୍ଡ ସମାଜର ତ୍ୟାଗ ଓ ବଳିଦାନକୁ ଭୁଲା ଯାଇପାରିବ ନାହିଁ । ଏଥିପାଇଁ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବା ପାଇଁ ଗୋଁଣ୍ଡ ସମାଜର ବୀର ସଂଗ୍ରାମୀ ଏବଂ ବୀରଙ୍ଗନାଙ୍କ ବୀରଗାଥାକୁ ଏନସିଇଆରଟି ପାଠ୍ୟକ୍ରମରେ ସାମିଲ କରିବା ପ୍ରଚେଷ୍ଟା କରାଯିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଗୋଁଣ୍ଡ ସମାଜର ମୁଖ୍ୟ ଦାବିକୁ ପୂରଣ କରିବା ପାଇଁ ମୋଦି ସରକାର ଯଥାସମ୍ଭବ ଦାୟିତ୍ୱ ନେବେ ବୋଲି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି । ଶନିବାର ଝାରସୁଗୁଡାର କଟାପାଲି ଷ୍ଟାଡିୟମ ଠାରେ 'ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା'ର ପଂଚଦଶ ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି, ବର୍ତ୍ତମାନ ଆହ୍ୱାନ ଅନୁସାରେ ଆମକୁ ଭବିଷ୍ୟତର ଯୋଜନା କରିବା ପାଇଁ ପଡିବ । ଭୁବନେଶ୍ୱରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଗୋଁଣ୍ଡ ସମାଜର ଆଦି, ଅନ୍ତ, ଇତିହାସ ଓ ଭବିଷ୍ୟତ ଯୋଜନାକୁ ନେଇ ବୌଦ୍ଧିକ ସମ୍ମିଳନୀ ଆୟୋଜନ କରିବା ପାଇଁ ଯୋଜନା କରାଯିବ । ଗୋଁଣ୍ଡ ସମାଜର ଥିବା ଅପେକ୍ଷାକୁ ପ୍ରଧାନମନ୍ତ୍ରୀଙ୍କ ପାଖରେ ପହଂଚାଯିବ । ଗଁଣ୍ଡୋ ସମାଜର ଥିବା ମୁଖ୍ୟ ଦାବୀକୁ ପୂରଣ କରିବା ପାଇଁ ଭାରତ ସରକାର ଯଥାସମ୍ଭବ ଦାୟିତ୍ୱ ନେବେ । ଏହାସହ ଗୋଁଣ୍ଡୱାନା ଛକକୁ ବୀର କରୁଣାକର ସିଂହ ନାଏକ ଛକ ଭାବେ ନାମିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଦେଶର ଅମୃତ କାଳରେ ବୀର ସୁରେନ୍ଦ୍ର ସାଏ, ଶହୀଦ କରୁଣାକର ସିଂହ ନାଏକ, ମାଧୋ ସିଂହ, ବିର୍ସା ମୁଣ୍ଡା, ଗୋଁଣ୍ଡ ସମାଜର ରାଣୀ ଦୁର୍ଗାବତୀଙ୍କ ବଳିଦାନ ଚିର ସ୍ମରଣୀୟ । ଜନଜାତି ସମାଜର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଗାଥା ଓ ଅନାଲୋଚିତ କାହାଣୀକୁ ଲୋକଲୋଚନକୁ ଆଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ସଠିକ୍ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବରେ ପାଳିତ ହେଉଛି । ଅପରପକ୍ଷରେ ଓଡ଼ିଶାର ପଶ୍ଚିମାଂଚଳର ବୀର ସଂଗ୍ରାମୀ ମାନଙ୍କର ଅବଦାନ, ତ୍ୟାଗ, ବଳିଦାନର ଇତିହାସର ପୁନଃଲିଖନ ପାଇଁ ଯୋଜନା କରିବାକୁ ସମ୍ବଲପୁର ଆଇଆଇଏମ ଓ ଆଇସିଏଚଆରକୁ ଦାୟିତ୍ୱ ଦିଆଯାଇଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ମୋଦି ସରକାରରେ ପ୍ରଣୀତ ଜାତୀୟ ଶିକ୍ଷା ନୀତିରେ ସବୁ ଭାରତୀୟ ଭାଷାକୁ ଗୁରୁତ୍ୱ ଦିଆଯାଉଛି । ମାତୃଭାଷାରେ ଶିକ୍ଷା ଦାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳ ବିଚାରଧାରା ଏବଂ ଦକ୍ଷତା ବିକଶିତ କରିଥାଏ । ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଗୋଁଣ୍ଡି ଭାଷା, ସାନ୍ତାଳି, ଅଲଚିକି ଭାଷା ସମେତ ଅନ୍ୟାନ୍ୟ ଜନଜାତି ଭାଇ ଭଉଣୀଙ୍କ ଭାଷାରେ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ । ଦକ୍ଷତା ବିକାଶ ଏବଂ ଉଦ୍ୟମିତା ବିଭାଗ ଏବଂ ଜନଜାତି ବିଭାଗର ମିଳିତ ସହଯୋଗରେ ବିଭିନ୍ନ ଜନଜାତି ସମ୍ପ୍ରଦାୟର ଅତି କମରେ ଏକ ହଜାର ଯୁବବର୍ଗଙ୍କୁ ଉତ୍ତମ ତାଲିମ ଦେଇ ଉଦ୍ୟମୀ କରାଯିବ । ଏହାବ୍ୟତିତ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସାମାଜିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଥିବା ଜନଜାତି ସମାଜକୁ ସଶକ୍ତିକରଣ କରିବାରେ ମୋଦି ସରକାର ପ୍ରାଥମିକତା ଦେଉଛନ୍ତି । ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦବୀରେ ଅଧିଷ୍ଠିତ କରିଛନ୍ତି, ଯାହା ଭାରତବର୍ଷର ପ୍ରତ୍ୟେକ ନାଗରିକ, ମହିଳା, ଓଡ଼ିଆ ସମାଜ, ଜନଜାତି, ଗରିବ ଓ ନିଷ୍ପେସିତ ଲୋକ ମାନଙ୍କ ପାଇଁ ଗୌରବର ବିଷୟ । ଅନୁରୂପ ଭାବେ ଚଳିତବର୍ଷ କେନ୍ଦ୍ର ବଜେଟରେ ଜନଜାତି ସମାଜକୁ ଗୁରୁତ୍ୱ ଦିଆଯାଇଛି । ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ବିକାଶ ଦେବା ଦିଗରେ ଏକଲବ୍ୟ ବିଦ୍ୟାଳୟ ସ୍ଥାପନା ହୋଇଛି । ଦେଶରେ ସବୁଠୁ ଅଧିକ ୧୦୪ଟି ଏକଲବ୍ୟ ବିଦ୍ୟାଳୟ ଓଡ଼ିଶାରେ ତିଆରି ହେଉଛି । ଏହାସହ ୨୦୨୩-୨୪ କେନ୍ଦ୍ର ବଜେଟରେ ଏକଲବ୍ୟ ମଡେଲ୍ ସ୍କୁଲ୍ ?ରେ ୩୮,୮୦୦ ଶିକ୍ଷକ ଓ ସହାୟକ କର୍ମଚାରୀଙ୍କୁ ନିଯୁକ୍ତି ଘୋଷଣା ହୋଇଛି । ବିଗତ ୯ ବର୍ଷରେ ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ମୋଦି ସରକାରଙ୍କ ବଡ ଉପଲବ୍ଧି । ଦେଶରେ ଜାତୀୟ ଜନଜାତି ଗବେଷଣା କେନ୍ଦ୍ର ସ୍ଥାପନା ହୋଇଛି । ଏହା ମୋଦି ସରକାରଙ୍କ ଜନଜାତି ଭାଇ ଭଉଣୀଙ୍କ ପ୍ରତି ପ୍ରତିବଦ୍ଧତା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଗୋଁଣ୍ଡ ସମାଜର ଆରାଧ୍ୟ ଦେବତା ଜଙ୍ଘା ବଡ଼ଦେଓଙ୍କ ଦର୍ଶନ କରି ତାଙ୍କ ଆଶୀର୍ବାଦ ନେବା ସହ ଜଗତର କଲ୍ୟାଣ ପାଇଁ କାମନା କରିଥିଲେ ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ସୂଚନା ଦେଇଛନ୍ତି ।

# ଜୁନିୟର ରେଡ଼କ୍ରସ୍ ପରାମର୍ଶଦାତାମାନଙ୍କ ତ୍ରିଦିବସୀୟ ତାଲିମ ଶିବିର ଉଦ୍‌ଯାପିତ

ବଲାଙ୍ଗୀର, (ପି.ଏନ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଆଠଗାଁ ହାଇସ୍କୁଲ ଠାରେ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ୍ ପରାମର୍ଶଦାତାମାନଙ୍କ ତ୍ରିଦିବସୀୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ତଥା ଜୁନିୟର ରେଡକ୍ରସ୍ ସଂପାଦକ ଅନ୍ତର୍ଯ୍ୟାମି ବିଶ୍ୱାଲ ଓ ଜୁନିୟର ରେଡକ୍ରସ୍ ଅଫିସର ସୁବାଷ ପଟେଲ ସଂଯୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲିପ କୁମାର ଯୋଷୀ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୁଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ଅନ୍ୟ ଅତିଥି ଭାବରେ ପର୍ଯ୍ୟବେକ୍ଷକ ଭାବରେ ଛତାମଖନା ହାଇସ୍କୁଲର ପ୍ରଧାନ ଶିକ୍ଷକ ନୀଳମଣି ପଟେଲ, କୁରୁଲ ହାଇସ୍କୁଲର କାର୍ଯ୍ୟରତ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଦିଗାମ୍ବର ନାଏକ, ପ୍ରକୃତି ବନ୍ଧୁ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା, ପୂର୍ବତନ ସରପଂଚ ବବିତା ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ସକାଳୁ ସର୍ବ ଧର୍ମ ପ୍ରାର୍ଥନାରୁ ଆରମ୍ଭ ହୋଇ ପ୍ରକଳ୍ପ କାର୍ଯ୍ୟରେ ସମାପିତ ହୋଇଥିଲା । ପ୍ରକଳ୍ପ କାର୍ଯ୍ୟରେ ଗ୍ରାମରେ ଶୋଭାଯାତ୍ରା କରାଯାଇ ନିଶା ନିବାରଣ, ରକ୍ତଦାନ, ସଡକ ସୁରକ୍ଷା, ବୃକ୍ଷ ରୋପଣ ତଥା ରେଡକ୍ରସ୍ ଭୂମିକାକୁ ନେଇ ଗ୍ରାମବାସୀମାନଙ୍କୁ ସଚେତନ କରାଯାଇଥିଲା । ବିଦ୍ୟାଳୟର ଜୁନିୟର ଓ କାଉନସିଲରମାନେ ଗୀତ, ନୃତ୍ୟ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଶିଶୁ କଳାକାର ସ୍ୱାଗତ ନାଏକ, ଛାତ୍ରୀ ସୃତି ପଟେଲ, ଚନ୍ଦ୍ରିକା ମାଝି, ସୁନିତା ନାଗ, ନମିତା ରାଉତ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ପ୍ରଥମାର୍ଦ୍ଧରେ ଓଡ୍ରାଫ ଟିମ୍‌ର ଅସୀତ ସାହୁ, ଦୟାନିଧି କୁମ୍ଭାର, ବିଦ୍ୟା ଭୋଇ, ସୁଧାଂଶୁ ଶେଖର ସାଏ, ଯୁଗଲ ବଗର୍ତି, ଅଭୟ ବାଗ, ପିଣ୍ଟୁ ଥନାପତି ବିପତି ଏବଂ ବିପର୍ଯ୍ୟୟ ବିଷୟରେ ଅବଗତ କରାଇଥିଲେ । ଦ୍ୱିତୀୟ ଅଧିବେଶନରେ ମହିମୁଣ୍ଡା ଅଗ୍ନିଶମ ବାହିନୀର କର୍ମଚାରୀ ପଂଚାନନ ବେହେରା, ଦେବବ୍ରତ ପ୍ରଧାନ ତଥା ଅନ୍ୟ କର୍ମଚାରୀମାନେ ନିଆଁ ଲିଭାଇବା ବିଷୟରେ ଡେମୋଷ୍ଟ୍ରେସନ ମାଧ୍ୟମରେ ଅବଗତ କରିଥିଲେ । ତୃତୀୟ ଅଧିବେଶନ ସୋନପୁର ଜିଲ୍ଲା ଜୁନିୟର ରେଡକ୍ରସ୍ ଅଫିସର ରବି ଚନ୍ଦ୍ର ପଶାୟତ ଉତମ କାଉନସିଲରର ଗୁଣାବଳି ବିଷୟରେ ଓ ସାଧନ କର୍ମୀ ଦିଲିପ କୁମାର ଧଳ ଜଳବାୟୁ ପରିବର୍ତନ ବିଷୟରେ ଶିକ୍ଷଣ କାର୍ଯ୍ୟ ସଂପାଦନ କରିଥିଲେ । ତୁର୍କୀ ଓ ସିରିଆ ଭୂମିକମ୍ପରେ ପ୍ରାଣ ହରାଇଥିବା ଶୋକ ସନ୍ତପ୍ତ ପରିବାର ନିମନ୍ତେ ଶିବିରାର୍ଥି ଓ ଶିକ୍ଷାର୍ଥୀଗଣ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ୩୦ ଜଣ କାଉନସିଲରମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ତାଲିମଦାତା ଭାବରେ ହେମନ୍ତ ପଧାନ, ରବିନ୍ଦ୍ର ଠେଟୁଆଲ, ରଶ୍ମିରାଣୀ ଦାଶ, ଘନଶ୍ୟାମ ମେହେର, ରାମ ନାରାୟଣ ଦାଶ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ପୃଥ୍ୱୀରାଜ ହାଇସ୍କୁଲର ଶିକ୍ଷକ ତଥା ରାଜ୍ୟ ଜୁନିୟର ରେଡକ୍ରସ୍ ସାଧନ କର୍ମୀ ବିକାଶ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ରୋହିତାଶ୍ୱର ଯୋଷୀ, ଜ୍ୟୋସ୍ନା ଭୋଇ, ସନ୍ତୋଷିନୀ ସାହୁ, ପଦ୍ମିନୀ ସାହୁ, ସନାତନ ବାଗ, ନିତେଇ ନାଏକ, କ୍ଷୀତେଶ୍ୱର ବିଶ୍ୱାଲ, ଶ୍ୟାମରାଣୀ ମହାପାତ୍ର, ଗଙ୍ଗାଧର ବଗର୍ତି, ଶିକ୍ଷକ ସୁରେନ୍ଦ୍ର ନାଏକ, ପ୍ରେମରାଜ ପଶାୟତ, ରମାକାନ୍ତ ବେହେରା, ଚିନ୍ତାମଣି ବାଗ, ସନ୍ତୋଷିନୀ ମିସ୍ତ୍ରୀ, ଭାଗ୍ୟବତୀ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଆଗଥଇଥାନ ପରେ ଉଚ୍ଛେଦକୁ ପାଳନ କଲା ବଲାଙ୍ଗୀର ପୌରପରିଷଦ

ବଲାଙ୍ଗୀର, (ପି.ଏନ): ଲୋକଙ୍କୁ ବାସହୀନ ଆଶ୍ରାହୀନ ଓ ଅସହାୟ କରି ଛାଡିଦେଇ ଧ୍ୱସଂସ୍ତୁପ ଉପରେ ବିକାଶ ଆମର ଲକ୍ଷ ନୁହେଁ । ବଲାଙ୍ଗୀରର ସବୁ ବର୍ଗର ଲୋକଙ୍କୁ ନେଇ ବିସ୍ଥାପନ ପୁର୍ବରୁ ଉଚିତ ଥଇଥାନ କରି ବିକାଶ କରିବା ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ । ଆମେ ରାତି ଅଧିଆ ଉଚ୍ଛେଦ ନ କରି ଲୋକଙ୍କୁ ଜାଗା ମିଶନ ଜରିଆରେ ସ୍ଥାନ ଦେଇ ଏକ ସୁନ୍ଦର ବଲାଙ୍ଗୀର ଗଠନ କରିବା ଆମର ଲକ୍ଷ୍ୟ ବୋଲି ଆଜି ମହାରାଣୀ ସାଗର ପାଖରେ ଥିବା ତୁଳସୀନଗର ବସ୍ତି ବାସିନ୍ଦାଙ୍କୁ ବିଷ୍ଣୁମୁଣ୍ଡା ଠାରେ ଆଦର୍ଶ କଲୋନୀ ରେ ପଟ୍ଟା ପ୍ରଦାନ ଅବସରରେ ସମସ୍ତ କାଉନସିଲର ଦୃଢ ସ୍ୱର ରେ ଏ କଥା କହିଛନ୍ତି । ସୂଚନାଯୋଗ୍ୟ ମହାରାଣୀ ସାଗର ଉନ୍ନତିକରଣ ନାଁ ରେ ଜବର ଦଖଲ କରି ବସ୍ତି ତିଆରି କରିରହୁଥିବା ଲୋକଙ୍କୁ ୨୪ ଘଂଟିଆ, ୪୮ ଘଂଟିଆ ନୋଟିସ ଦେଇ ଉଚ୍ଛେଦ କରାଯାଉଥିବା ଉଦ୍ୟମକୁ ପୌରାଧକ୍ଷା ଶ୍ରୀମତୀ ଲିକା ସାହୁଙ୍କ ନେତୃତ୍ୱ ରେ ସମସ୍ତ କାଉନସିଲର ଦୃଢ ବିରୋଧ କରୀଥିଲେ । ଯଦିଓ ମହାରାଣୀ ସାଗର ର ଉନ୍ନତିକରଣ ପାଇଁ ଟଙ୍କା ଆସିଛି ବୋଲି କୁହାଯାଉଛି ମାତ୍ର ଏହାର ଡିପିଆର ସହିତ ଟେଣ୍ଡର ଏ ପର୍ଯ୍ୟନ୍ତ ହୋଇନଥିବା ବେଳେ ତରବରିଆ ଉଚ୍ଛେଦ ଉଦ୍ୟମ କେବଳ ପୌରପରିଷଦକୁ ବଦନାମ କରିବା ପାଇଁ ଉଦ୍ଦିଷ୍ଟ ଓ ଏହାର ଚକ୍ରାନ୍ତକାରୀଙ୍କୁ ଉଚିତ ଜବାବ ଦେବେ ବୋଲି ଦୃଢ ସ୍ୱରରେ କହିଥିଲେ । ତରବରିଆ ଉଚ୍ଛେଦ ଉଦ୍ୟମ ବନ୍ଦ ହେବା ପରେ ପୌରାଧକ୍ଷା ଦେଇଥିବା ପ୍ରତିଶୃତି ଅନୁଯାଇ ମହାରାଣୀ ସାଗର ଆଡିରେ ରହୁଥିବା ୧୬ ଜଣ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ଜମୀ ପଟ୍ଟା ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବଲାଙ୍ଗିର ପୌରପରିଷଦ ର ବରିଷ୍ଠ କାଉନସିଲର ସମ୍ଭୁ ନାଗ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଜାଗା ମିଶନ ଜରିଆରେ ପଟ୍ଟା ବଂଟନ କାର୍ଯ୍ୟକ୍ରମ ରେ ସ୍ଥାନୀୟ କାଉନସିଲର ଗଙ୍ଗାଧର ଚାନ୍ଦ, କାଉନସିଲର ସରିତା ଦାଶ , ଇସ୍ମତ ଆରା ଖାନ , ପୌରଉପାଧକ୍ଷା ସୁଶ୍ରୀ ଗାୟତ୍ରୀ ଭୋଇ ଓ ପୌରାଧକ୍ଷା ଲିକା ସାହୁ ଭୁମୀହିନ ଲୋକଙ୍କ ପାଇଁ ସମଗ୍ର ଭାରତ ବର୍ଷ ରେ ପ୍ରଥମ କରି ଚିନ୍ତା କରିଥିବା ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଏହି ଯୋଜନା ମାଧ୍ୟମରେ ବସ୍ତି ବାସିନ୍ଦା ମାନେ ନିଜ ପାଇଁ ଜାଗା ଅଧିକାର ପାଉଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ପଟ୍ଟା ବଣ୍ଟନ ସମୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ବସ୍ତି ବାସିନ୍ଦାମାନେ ସେମାନଙ୍କୁ ପୌରପରିଷଦର ବିଭିନ୍ନ ଯୋଜନା ରେ ସାମିଲ କରିବା ପାଇଁ ଅନୁରୋଧ କରିଥିଲେ । ପୌରପରିଷଦ ତରଫରୁ ନିଜର ଘର ତିଆରି ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାହାଯ୍ୟ ତଥା ଜବର ଦଖଲ ଘର ଛାଡିଲା ପରେ ଚାରି ମାସ ପାଇଁ ଘରଭଡା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ପୌରାଧକ୍ଷା ଶ୍ରୀମତୀ ସାହୁ ଘୋଷଣା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭ ରେ ଜାଗା ମିଶନର ସଂଯୋଜକ ଯୋଜନା ସମ୍ପର୍କ ରେ ବିସ୍ତୃତ ଭାବରେ ଲୋକଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ କାଉନସିଲର ମହେନ୍ଦ୍ର ବାଗ, ନନ୍ଦିନୀ ପୋଢ, ସଂଯୁକ୍ତା ଦନ୍ତା, ସନ୍ତୋଷିନୀ କୁଁଅର , ଲଲାଟେନ୍ଦୁ ପଟ୍ଟନାୟକ, କିଶୋର କୁମ୍ଭାର, ଶତ୍ରୁଘନ ବାଗ, ପ୍ରେମଲତା ନାଏକ, ମୁନ୍ନା ଖାନ, ମୁନୁ ପୋଡ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟ ସଭାପତିଙ୍କ ଦୁଇ ଦିନିଆ ଭଦ୍ରକ ଓ କେନ୍ଦୁଝର ଜିଲ୍ଲା ଗସ୍ତ

ଭୁବନେଶ୍ୱର, (ପି.ଏନ): ଶାନ୍ତିପ୍ରିୟ ଓଡିଶାରେ ଆଇନଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ । ଓଡିଶାବାସୀ ଆଜି ଆତଙ୍କିତ ଏବଂ ସରକାର ପଙ୍ଗୁ ହୋଇ ରହିଛି । ଯେଉଁ ରାଜ୍ୟରେ ଜଣେ ପ୍ରଭାବଶାଳୀ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦିବାଲୋକରେ ଗୁଳି କରି ହତ୍ୟା କରାଯାଉଛି, ସେଇଠି ଆଇନ ଶୃଙ୍ଖଳାକୁ ନେଇ ଆଉ କ'ଣ ଆଶା କରାଯାଇପାରେ ? ରାଜ୍ୟର ଗ୍ରାମାଂଚଳର ତ୍ୱରାନ୍ୱିତ ବିକାଶ ଓ ଭିତିଭୂମିକୁ ଆହୁରି ଅଧିକ ସୁଦୃଢ କରାଯିବାର ମୁଳ ଉଦ୍ଦେଶ୍ୟ ରଖି ମୋଦି ସରକାର ପଂଚାୟତକୁ ସିଧାସଳଖ ଟଙ୍କା ଦେଲେ । ମାତ୍ର ଦୁର୍ଭାଗ୍ୟର ବିଷୟ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଗ୍ରାମାଂଚଳରେ ବିକାଶ ପହଂଚି ପାରିନାହିଁ । ପଲ୍ଲୀସଭା ଓ ଗ୍ରାମସଭାକୁ ପ୍ରାୟ ବନ୍ଦ କରି ରଖାଯାଇଛି । ଶାସକ ବିଜେଡିର ସ୍ଥାନୀୟ ଜନପ୍ରତିନିଧିଙ୍କ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ରାଜ୍ୟ ସରକାରଙ୍କ ଜନବିରୋଧୀ ମନୋଭାବ କାରଣରୁ ରାଜ୍ୟର ଗ୍ରାମାଂଚଳରେ ସଠିକ ବିକାଶ ହୋଇପାରିଲା ନାହିଁ । ମନରେଗା ଯୋଜନାରେ ବ୍ୟାପକ ମାତ୍ରାରେ ଅର୍ଥ ଦିଆଗଲା, କିନ୍ତୁ ମଣିଷ ବଦଳରେ ମେସିନ ଦ୍ୱାରା କାମ କରାଇ ଶାସକ ବିଜେଡିର ମନ୍ତ୍ରୀ, ନେତାମାନେ ନରେଗା ଅର୍ଥରେ କୋଟିପତି ସାଜିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟପାକ ଦୁର୍ନୀତି କାରଣରୁ ବାସହୀନ ଓ ପ୍ରକୃତ ଗରୀବ ହିତାଧିକାରୀ ଘରଟିଏ ପାଇବାରୁ ବଂଚିତ ହୋଇଛନ୍ତି । ଶାସକ ବିଜେଡିର ପ୍ରତ୍ୟକ୍ଷ ପ୍ରରୋଚନାରେ ଦୁର୍ନିତୀର ଗନ୍ତାଘର ସାଜିଛି ଓଡିଶା । ସାଧାରଣ ଗରୀବ ଲୋକଟି ନିଜ ନ୍ୟାର୍ଯ୍ୟ ହକ୍ ପାଇବାରୁ ବଂଚିତ ହେଉଥିବାବେଳେ ଶାସକ ଦଳର ନେତା ଓ ମନ୍ତ୍ରୀମାନେ କୋଟିପତି ହେଉଛନ୍ତି । କେନ୍ଦ୍ର ସରକାରଙ୍କୁ ସଠିକ ହିତାଧିକାରୀ ତାଲିକା ନପଠାଇ ପିଏମ କିଷାନ ଯୋଜନାର ସୁଲାଭରୁ ଚାଷୀ ଭାଇଭଉଣୀମାନଙ୍କୁ ବଂଚିତ କରିଛନ୍ତି । ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ଧାନମଣ୍ଡି ବ୍ୟବସ୍ଥା କାରଣରୁ ଚାଷୀକୁଳ ଆଜି ତାର କଷ୍ଟ ଉପାର୍ଜିତ ଶସ୍ୟକୁ ସଠିକ ମୂଲ୍ୟରେ ବିକ୍ରି କରିନପାରି ହନ୍ତସନ୍ତ ହେଉଛନ୍ତି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Tuesday February 14, 2023 ଭୁବନେଶ୍ୱର ମଙ୍ଗଳବାର, ଫେବୃଆରୀ ୧୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ପାରାଦୀପ ରିଫାଇନାରୀରେ କ୍ଲାକ୍ଟରମାନଙ୍କ କାର୍ ପାସ୍ ନେଇ ଦାବୀପତ୍ର: ତୁରନ୍ତ ପଦକ୍ଷେପ ନେବାକୁ ପ୍ରକାଶ ତ୍ରିପାଠୀଙ୍କ ନିବେଦନ

ପାରାଦୀପ,(ପି.ଏନ): ପାରାଦୀପ ରିଫାଇନାରୀ ମଧ୍ୟକୁ ଯିବା ପାଇଁ ରିଫାଇନାରୀ ପକ୍ଷରୁ ଟ୍ୟାକ୍ସି ନମ୍ବର ଥିବା କାର୍‌କୁ ଅନୁମତି ଅଛି ପ୍ରାଇଭେଟ୍ ନମ୍ବର ଥିବା କାର୍‌କୁ ଅନୁମତି ନାହିଁ। ପାରାଦୀପ ରିଫାନାରୀରେ ଠିକାଦାରୀ କରୁଥିବା ଠିକାଦାରମାନେ ନିଜ ନିଜ ପ୍ରାଇଭେଟ୍ ନମ୍ବର ଥିବା ଗାଡି ନେଇ ଯାଉଥିବାରୁ ସେମାନଙ୍କୁ ରିଫାନାରୀ ମଧ୍ୟକୁ ଯିବା ପାଇଁ ଅନୁମତି ମିଳୁନାହିଁ । ଫଳରେ କାମ ଦେଖିବା ପାଇଁ, ବିଲ୍ ଆଦି ଅଫିସିଆଲ୍ କାମ ପାଇଁ ଯାଉଥିବା ଠିକାଦାରମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସଭ୍ୟମାନଙ୍କଠାରୁ ଏ ସମ୍ପର୍କରେ ଶୁଣିବା ପରେ ପାରାଦୀପ ଇଣ୍ଡଷ୍ଟ୍ରିୟାଲ କ୍ଲାକ୍‌ଟରସ ଆସୋସିଏସନ ପକ୍ଷରୁ ସଭାପତି ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ପାରାଦୀପ ରିଫାନାରୀର ନିର୍ବାହୀ ନିର୍ଦ୍ଦେଶକଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ରିଫାନାରୀ ମଧ୍ୟରେ ବହୁ ଠିକାଦାରମାନଙ୍କର ପ୍ରାଇଭେଟ୍ ନମ୍ବର ଥିବା କାର୍ ରହିଛି। ରିଫାନାରୀ କର୍ତ୍ତୃପକ୍ଷଙ୍କ ଏତାଦୃଶ ନିର୍ଦ୍ଦେଶନାମା ପରେ ସେମାନେ ବାଧ ହୋଇ ଭଡାରେ କାର୍ ଆଣିବାକୁ ପଡୁଛି। ଏଥି ନିମନ୍ତେ ସେମାନଙ୍କୁ ମାସିକ ୪୦ରୁ ୫୦ହଜାର ଟଙ୍କା ଭଡା ଗଣିବାକୁ ପଡୁଛି । ରିଫାନାରୀରେ ବଡବଡ କମ୍ପାନୀମାନଙ୍କ ଠାରୁ ସ୍ଥାନୀୟ ବେକାର ଯୁବକମାନେ ଠିକା କାମ ନେଇଛନ୍ତି। ଯେଉଁ ଦରରେ ସେମାନେ କାମ ନେଇଛନ୍ତି ତାହା ବର୍ତ୍ତମାନର ବଜାର ରେଟ୍‌ଠାରୁ କମ୍ ରେଟ୍ ରେ ନେଇଛନ୍ତି । ତେଣୁ ନିଜ କାର୍ ବ୍ୟବହାର କରି ନପାରି ଭଡାସୂତ୍ରରେ କାର୍ ଆଣି ଆସିବା ବେଳକୁ ୪୦ରୁ ୫୦ହଜାର ଟଙ୍କା ଅଯଥା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଯାହାକି ସେମାନଙ୍କର ବୋଝ ଉପରେ ନଳିତା ବିଡା ପରି। ଏଣି ରିଫାଇନାରୀ କର୍ତ୍ତୃପକ୍ଷ ସ୍ଥାନୀୟ ଠିକାଦାରମାନଙ୍କୁ ପ୍ରାଇଭେଟ୍ ନମ୍ବର ଥିବା କାର୍ ପାଇଁ ଅନୁମତି ପତ୍ର ଦେବାକୁ ଶ୍ରୀ ତ୍ରିପାଠୀ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି।

## ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ




ଖୋର୍ଦ୍ଧା,(ପି.ଏନ): ବରିଷ୍ଠ ନାଗରିକମାନେ ଆମ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ ବୋଲି ବରିଷ୍ଠ ନାଗରିକ ମଂଚର ତୃତୀୟ ବାର୍ଷିକ ସମ୍ମଳନୀ ରେ ମଂଚାସୀନ ଅତିଥିମାନେ ମତ ପ୍ରଦାନ କରିଥିଲେ। ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀ ରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂଙ୍କ ସଭାପତିତ୍ୱ କରିଥିବା ବେଳେ ଏହି ସମ୍ମିଳନୀ କୁ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ମୁଖପତ୍ର 'ପ୍ରବୃଦ୍ଧ ବାର୍ତ୍ତା'କୁ ଉନ୍ମୋଚନ କରିଥିଲେ। ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ନାଗରିକ ମାନେ ହେଉଛନ୍ତି ସମାଜର ପଥପ୍ରଦର୍ଶକ ବୋଲି ଉଦ୍ଘାଟକ ତଥା ମୁଖ୍ୟ ଅତିଥି ଶ୍ରୀ ମିତ୍ର କହିଥିଲେ। ସେମାନଙ୍କ ପ୍ରଦର୍ଶିତ ପଥାଙ୍କ ଅନୁସରଣ କରି ଆଜିର ପିଢୀ ଚାଲିବା ଦରକାର ମାତ୍ର ଯଦି ବରିଷ୍ଠ ନାଗରିକ ମାନେ ନିଜର ବୁଦ୍ଧି ବିବେକ ହରାଇ କାର୍ଯ୍ୟ କରନ୍ତି ତେବେ ତାହା ସମାଜ ପାଇଁ ଶୁଭଙ୍କରୀ ହୋଇନଥାଏ। ଆଜି ଦୁଃଖର ସହିତ କହିବାକୁ ପଡୁଛି ଆମ ସଂସ୍କୃତି,ପରମ୍ପରା,ସାହିତ୍ୟ ତଥା ଇତିହାସ ବିଜଡିତ ଖୋର୍ଦ୍ଧାରେ ବରିଷ୍ଠ ନାଗରିକ ମାନଙ୍କ ଭିତରେ ଏକତାର ଅଭାବ ଯାହାର ପରିଣାମ ସ୍ୱରୁପ ବରିଷ୍ଠ ନାଗରିକ ସଂଘ ତିନିଭାଗରେ ବିଭକ୍ତ। ଯଦି ବରିଷ୍ଠ ନାଗରିକ ହୋଇ ଆମେ ଆମଭିତରେ ଏକତା ନରଖିବା ତେବେ ଆମେ ଆମର ଭବିଷ୍ୟ ପିଢୀ ଙ୍କୁ କି ଶିକ୍ଷା ଦେବା ? ପୌରାଧକ୍ଷା ଶ୍ରୀମତୀ ମହାନ୍ତି ସମାଜକୁ ଶୃଙ୍ଖଳିତ କରି ଗଢିବାରେ ବରିଷ୍ଠ ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଭାପତି ଶ୍ରୀ ବଳିୟାରସଂହ ନିଜର ବକ୍ତବ୍ୟରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ସଂଘର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ବିଧାୟକ ଓ ପୌରାଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂପାଦକ ରାମଶଙ୍କର ବରିଷ୍ଠ ନାଗରିକ ମାନଙ୍କର ଆବେଦନ କରିଥିବା ପରିଚୟପତ୍ର ପାଇବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପାଖକୁ ୨୫ ଥର ଯାଇଥିବା ସତ୍ୱେ ଆରକ୍ଷୀ ଅଧିକ୍ଷକ କର୍ଣ୍ଣପାତ ନକରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି କ୍ଷୋଭ ପ୍ରକାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ତଥା ସଂଘର ଉପଦେଷ୍ଟା ଦେବ ପ୍ରସାଦ ମଜୁମଦାର, ସଭ୍ୟ କିଶୋର ଚନ୍ଦ୍ର ପରମଗୁରୁ, ହାଜି ନସିମୁଦ୍ଦିନ ଖାଁ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଡ. ଇନ୍ଦ୍ରାବନ ପଣ୍ଡା, ଡ.ପ୍ରମୋଦ ଚନ୍ଦ୍ର ଦାଶ, ବିପ୍ରଚରଣ ବେଉରା, ସୁବାସ ଚନ୍ଦ୍ର ଚମ୍ପତି, ପ୍ରତାପ ମହାପାତ୍ର, ପ୍ରମୁଖ ନିଜ ନିଜର ମତ ଓ ମନ୍ତବ୍ୟ ବ୍ୟକ୍ତ କରିଥିଲେ। ସ୍ଥାୟୀ କାର୍ଯ୍ୟାଳୟ ନହେବା ପର୍ଯ୍ୟନ୍ତ ପ୍ରତି ମାସର ଶେଷ ତାରିଖରେ ସଂଘର ସାଧାରଣ ପରିଷଦ ବୈଠକ ମୁକୁନ୍ଦପ୍ରସାଦ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ସହ ସଂପାଦକ। ଆଇନଜୀବୀ ବସନ୍ତ ଦାସ କହିଥିଲେ। ଡା କାଳିପ୍ରସାଦ ମଙ୍ଗରାଜ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ବିଧାନ ଚନ୍ଦ୍ର ମହାନ୍ତି, ବୈକୁଂଠନାଥ ରାଜଗୁରୁ, ପ୍ରଫୁଲ ସାମନ୍ତରାୟ, ଭୀମସେନ ପ୍ରଧାନ, ବୈକୁଣ୍ଠ ମହାପାତ୍ର, ନୀଳାଦ୍ରି ଜଗଦେବ ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ।୧୩୨ ଜଣ ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ପ୍ରବୃଦ୍ଧ ବାର୍ତ୍ତରେ କେତେକ ମୁଷ୍ଟିମେୟ କର୍ମକର୍ତ୍ତାଙ୍କ ଛଡା ଆଉ ସମସ୍ତ ସାଧାରଣ ସଭ୍ୟମାନଙ୍କୁ ଅଣଦେଖା କରାଯାଇଥିବା ତଥା ବରିଷ୍ଠ ନାଗରିକ ମଂଚର ପ୍ରତିଷ୍ଠାତା ସମ୍ପାଦକ ଜ୍ଞାନରଂଜନ ଦାଶ ଙ୍କ ଅନୁପସ୍ଥିତିକୁ ନେଇ ମଧୁଗୁଂଜରଣ ସୃଷ୍ଟି ହୋଇଥିଲା।

## ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା

କଟକ, (ପି.ଏନ) : ଧବଳେଶ୍ୱରଗଡ଼ାସ୍ଥିତ ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ, ମା' ବୁଢ଼ୀ ମଙ୍ଗଳା ଗାଦି ବ୍ରହ୍ମ, ବଡ଼ପଣ୍ଡା ପୁରୀ ସୁଇଟ୍ସ ଓ ଭାଗବତ ଗାଦି ବଡ଼ଦାଣ୍ଡର ମିଳିତ ଆୟୋଜନରେ ତିନିଦିନ ବ୍ୟାପୀ ଅଷ୍ଟପ୍ରହର ନାମଯଜ୍ଞ, ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଟ୍ରଷ୍ଟର ଆବାହକ ତ୍ରିନାଥ ଓଝାଙ୍କ ତତ୍ତ୍ୱାବଧାନରେ ନାମଯଜ୍ଞ ଓ ସେବାକାର୍ଯ୍ୟର ଉଦ୍ୟମୀ ଆଧାତ୍ମିକ ବ୍ୟକ୍ତିତ୍ୱ ସେକ୍ଟର-୮ସ୍ଥିତ ବଡ଼ପଣ୍ଡା ପୁରୀ ସୁଇଟ୍ସର ସତ୍ତ୍ୱାଧିକାରୀ ଶରତ କୁମାର ପଣ୍ଡା, ସ୍ଥାନୀୟ କର୍ପୋରେଟର ପ୍ରଦୀପ ରାଉତ, ମାନସ ବ୍ରହ୍ମଚାରୀ, ସାହିମୁରବୀ କୁଳମଣି ନାୟକ, ସାଗର ମହାରଣା, ଆଲୋକ କୁମାର ଓଝା, ସନତ କୁମାର ଓଝା, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ, ସମାଜସେବୀ ତପନ ବାରିକ, ରମେଶ ବେହେରା, ଧନେଶ୍ୱର ମହାନ୍ତି, ଶ୍ରୀଧର ରାଉଳ, ବିଶ୍ୱନାଥ ଦଳେଇ, ଦୀପକ ବାରିକ ପ୍ରମୁଖଙ୍କୁ ଟ୍ରଷ୍ଟର ସଂସ୍ଥାପିକା ମାର୍ଗଦର୍ଶିକା ଚମ୍ପା ଓଝା ଓ ମହିଳା ଶାଖା ସଭାନେତ୍ରୀ ହେନାରାଣୀ ଓଝା ସମ୍ବର୍ଦ୍ଧିତ କରିଥିଲେ। ଅଷ୍ଟପ୍ରହରୀ କାର୍ଯ୍ୟକ୍ରମରେ ଭାରତ ମସଲାର ମୁଖ୍ୟ ସଂସ୍ଥାପକ ସୁରେନ୍ଦ୍ରନାଥ ପଣ୍ଡା, ଉତ୍କଳ ଭୂଷଣ ରାଉତରାୟ, ମେୟର ସୁବାଶ ସିଂହ, ରଞ୍ଜନ ବିଶ୍ୱାଳ, ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ ଓ ଗୋପାଳ ନାୟକ, କୀର୍ତ୍ତନ ନାୟକ, ବାଟୁଆ ନାୟକ, ନିରଞ୍ଜନ ସାହୁ, ଗୋବିନ୍ଦ ସାହୁ, ଆଦିତ୍ୟ ଜେନା, ସୌମ୍ୟ ସନ୍ଦୀପ ପଣ୍ଡା, ମନୋଜ ଓଝା, ମନୋଜ ସାହୁ, ଜଗନ୍ନାଥ ଦାସ, ଶିବ ସେଠୀ, ଭରତ ସେନାପତି, ନରୋତ୍ତମ ଦାସ, ବିଜୁ ନାୟକ, କୈଳାସ ନାୟକ, ବୁଲୁ ପତି, ଗୁନା ଭାଇ, ସନ୍ତୋଷ ମିଶ୍ର, ସାଗର ମହାରଣା, ପ୍ରମୋଦ ମହାରଣା, ମାଧବ ଓଝା, ଟୁକୁନା ମହାରଣା, କଲ୍ୟାଣୀ ମହାରଣା, ମମତା ଓଝା, ରାହୁଲ ଓଝା, ପୂଜା ଓଝା, ଗୌରାଙ୍ଗ ଚରଣ ମହାରଣା, ରଶ୍ମୀତା ଓଝା, ଚଢ଼େଇ ଦେଈ, ଲକ୍ଷ୍ମୀ ଦେଈ, ଲଲୁ ଓଝା, ଗୁଡୁ ଓଝା, ପଙ୍କଜ ବିନ୍ଧାଣୀ ଓ ପୂଜକ ଅରୁଣ କୁମାର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଧବଳେଶ୍ୱର ଗଡ଼ା ଅଧିବାସୀ ବୃନ୍ଦ ଆନନ୍ଦ ଉଲ୍ଲାସ ସହକାରେ ସକ୍ରିୟ ଯୋଗଦାନ ପୂର୍ବକ ପରିଚାଳନା କରିଥିଲେ।

## ଏସ.ଏସ.ଜିମ୍ନାଷ୍ଟିକ ଏକାଡ଼େମୀ ଉଦଘାଟିତ




କଟକ,(ପି.ଏନ) : ଓଡ଼ିଶାର ଅନ୍ୟତମ ଶିକ୍ଷାନୁଷ୍ଠାନ ସିମରିଂଷ୍ଟାରର ଆନୁକୂଲ୍ୟରେ ଏସ.ଏସ.ଜିମ୍ନାଷ୍ଟିକ ଏକାଡ଼େମୀ ଉଦଘାଟିତ ହୋଇଯାଇଛି। ଏକାଡ଼େମୀର ପ୍ରତିଷ୍ଠାତା ଶ୍ରୀମତୀ ମଞ୍ଜୁଶ୍ରୀ ମିଶ୍ରଙ୍କ ମାର୍ଗଦର୍ଶନ ଓ ଏସେଲସ୍ ପବ୍ଲିକ ସ୍କୁଲ ବିଦ୍ୟାଳୟ ସଂଘର ନିର୍ଦ୍ଦେଶିକା ଶିକ୍ଷାବିତ ଡକ୍ଟର ମେଘନା ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବାରବାଟୀ କଟକର ବିଧାୟକ ଇଂ.ମହମ୍ମଦ ମୋକିମ୍ ଯୋଗ ଦେଇଥିଲେ। କଟକ ବିଡ଼ାନାସୀ ନୂଆସାହିର ହାତୀଗଡ଼ାରେ ପ୍ରତଷ୍ଠା ହୋଇଥିବା ଏହି ଏକାଡ଼େମୀର ଭବ୍ୟ ସମାରୋହରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମୀ ରଞ୍ଜନ ସାମନ୍ତରାୟ ଓ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏସନର ସାଧାରଣ ସମ୍ପାଦକ ଅଶୋକ ସାହୁ ଯୋଗ ଦେଇଥିଲେ। ପିଲାମାନଙ୍କ ଭିତରେ ଲୁକ୍କାୟିତ କ୍ରୀଡ଼ା ପ୍ରତିଭା ଓ ଶାରୀରିକ ଦକ୍ଷତାକୁ ଲୋକ ଲୋଚନକୁ ଆଣିବା ସହ ସେମାନଙ୍କୁ ଏକ ଉନ୍ନତ ସ୍ୱାସ୍ଥ୍ୟ ଗଠନରେ ଏହି ଏକାଡ଼େମୀ ମାର୍ଗ ଦେଖାଇବ ବୋଲି ଡକ୍ଟର ମେଘନା ମିଶ୍ର ଆଶା ବ୍ୟକ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳର କ୍ରୀଡ଼ା ପ୍ରତିଭା, କ୍ରୀଡ଼ାପ୍ରେମୀ, ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଓଡ଼ିଶାରେ ଜିମ୍ନାଷ୍ଟିକ କ୍ରୀଡ଼ାକୁ ଏହି ଏକାଡ଼େମୀ ଉନ୍ନତ ପ୍ରଶିକ୍ଷଣ ଦେବା ସହ ନୂଆ ନୂଆ କ୍ରୀଡ଼ା ପ୍ରତିଭାଙ୍କୁ ସୃଷ୍ଟି କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ କରିବ ବୋଲି କ୍ରୀଡ଼ାବିତମାନେ ମତବ୍ୟକ୍ତ କରିବା ସହ ଅନୁଷ୍ଠାନର ଭୂୟଂଶୀ ପ୍ରଶଂସା କରିଥିଲେ।

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ସିବିଆଇ ଏନକ୍ୱାରୀ

ପାରଳାଖେମୁଣ୍ଡି,(ପି.ଏନ): ଆଜି ପାରଳାଖେମୁଣ୍ଡି ଠାରେ ସତ୍ୟ ସନାତନ ପ୍ରଜା ସମିତି ଆନୁକୁଲ୍ୟରେ ୧୧ତମ ବିଶାଳ ସତ୍ୟ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସମ୍ପୂର୍ଣ୍ଣ ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସି ଯୋଗଦାନ କରିଥିବା ୨ ଶହରୁ ଅଧିକ ଶିକ୍ଷାବିତ୍ ପ୍ରଥମେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାସ୍ଥଳରୁ ଆସିଥିବା ଅଖଣ୍ଡ ଜ୍ୟୋତିକୁ ସ୍ୱାଗତ କରିଥିଲେ। ଏଥିରେ ସତ୍ୟ ସନାତନ ପ୍ରଜା ସମିତି ରାଜ୍ୟ ସଭାପତି ଜନନେତା ଇଂ. ଦେବାଶିଷ ହୋତା ଉପସ୍ଥିତ ହୋଇ କହିଥିଲେ ଯେ ଗତ ୨୩ ଜାନୁୟାରୀ ୧୯୯୯ ମସିହାରେ ଖ୍ରିଷ୍ଟିୟାନ ପାଦ୍ରୀ ଗ୍ରାହମ୍‌ଷ୍ଟେନ୍‌ଙ୍କୁ ହତ୍ୟା କରାଯାଇଥିଲା । ସେହିଦିନଠାରୁ ଷଡଯନ୍ତ୍ରକାରୀ ହିସାବରେ ଦାରାସିଂ ୨୪ ବର୍ଷ ହେବ ଜେଲ୍‌ରେ ଅଛନ୍ତି। ଗତ ୨୩ ଅଗଷ୍ଟ ୨୦୦୮ ଜନ୍ମାଷ୍ଟମୀ ଦିନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ବିଭତ୍ସ ଭାବରେ ହତ୍ୟା କରାଯାଇଥିଲା । ଅଥଚ ଷଡଯନ୍ତ୍ରକାରୀ ରାଜ୍ୟସଭା ଏମ୍‌ପି ଆଜି ଯାଏଁ ଗିରଫ ହୋଇ ନାହାଁନ୍ତି। ଆମ ଦେଶରେ ଖ୍ରିଷ୍ଟିୟାନ ଏବଂ ହିନ୍ଦୁଙ୍କ ପାଇଁ କଣ ଅଲଗା ଅଲଗା ନିୟମ ଅଛି କି ବୋଲି ଇଂ. ହୋତା ଇତ୍ୟବସରରେ ପ୍ରଶ୍ନ କରିଛନ୍ତି । ତେଣୁ ପ୍ରକୃତ ସତ୍ୟାସତ୍ୟ ଉନ୍ମୋଚନ ହେବା ପାଇଁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯିବା ନିମନ୍ତେ ଆଜିର ସମ୍ମିଳନୀ ମାଧ୍ୟମରେ ବିନମ୍ର ନିବେଦନ କରିଛନ୍ତି ଇଂ. ହୋତା। ମହାତ୍ମା ଦିଲ୍ଲେଶ୍ୱରାନନ୍ଦ ଏହି ସମ୍ମିଳନୀରେ ଉପସ୍ଥିତ ହୋଇ "ପରମାତ୍ମା"ଙ୍କ ସାନିଧ ଲାଭ କରିବାର ପ୍ରକୃତ ମାର୍ଗ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।

## ପାଲାର ପୃଷ୍ଠଭୂମି ସାହିତ୍ୟ

ଭୁବନେଶ୍ୱର,(ପି.ଏନ) : ଜଟଣୀ "ପାଲାର ପୃଷ୍ଠଭୂମି ସାହିତ୍ୟ" ଉପରେ ଏକ ଆଲୋଚାନଚକ୍ର ଜଟଣୀ ନିକଟସ୍ଥ ଉପରବସ୍ତ କେଦାରେଶ୍ୱର ମନ୍ଦିର ପରିସର ସଭାଗୃହଠାରେ ପଣ୍ଡିତ ରାମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟିରେ ପଣ୍ଡିତ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ,ପାଲ୍ଲା ସମୀକ୍ଷକ(ପ୍ରାର୍ଥନା),ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରାଚୀନ ସାହିତ୍ୟ କାବ୍ୟଖଣ୍ଡର ପାଲା ସହ ସମ୍ପର୍କ ବିଷୟରେ ଆଲୋକପାତ କରିବା ସହ ମୁଖ୍ୟବକ୍ତା ବିନାୟକ ରଥ, ଉପସଭାପତି, ଶ୍ରୀ ନିଳାଚଳ ନିଖିଳୋତ୍କଳ ପାଲ୍ଲାଗାୟକ ପରିଷଦ ତପସ୍ୱିନୀ ଏବଂ ପ୍ରଣୟବଲରି କାବ୍ୟଗୁଡ଼ିକର ପ୍ରାସଙ୍ଗିକତା ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ। ସମ୍ମନିତ ଅତୀଥି ଶ୍ରୀ ପ୍ରତାପ ପ୍ରଧାନ, ଆଇନ ପରାମର୍ଶଦାତା ଓ ଉପଦେଷ୍ଟା, ନିଖିଳୋତ୍କଳ ପାଲ୍ଲାଗାୟକ ପରିଷଦ ଓଡିଆ ଭାଷାରେ ଶବ୍ଦର ଶୁଦ୍ଧତା ଏବଂ ସଠିକ ବ୍ୟବହାର ପାଲାକାର ଏବଂ ଜନସାଧାରଣ କରିବା ବିଧେୟ ବୋଲି କହିଥିଲେ। ଗାୟକ ସାରସ ସୁଦର୍ଶନ ମହାପାତ୍ର , ଗାୟକ ଅରୁଣ ଚକ୍ରଧର ବାରିକ ଓଡିଆ ଭାଷା ଏବଂ ସଂସ୍କୃତ ଭାଷାର ସମନ୍ୱୟ ପାଲାରେ ରହିଛି ବୋଲି ମତ ଦେଇଥିଲେ । ଆଲୋଚନାରେ ଉମାଶଙ୍କର ପ୍ରସାଦ, ମାର୍ଗଦର୍ଶୀ ସମ୍ପାଦକ, ପଦ୍ମନାଭ ପାଣିଗ୍ରାହୀ, ତ୍ରିଲୋଚନ ମହାପାତ୍ର, ସମରଜିତ ପଟ୍ଟନାୟକ ପ୍ରମୁଖ ଭାଗନେଇଥିଲେ। ଆମରିସତ୍ୟର ପ୍ରତିଷ୍ଠତା ଡ ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଏବଂ ସୁରେଶ କୁମାର ସ୍ୱାଇଁ ଅତୀଥି ପରିଚୟ ଦେବା ସହ ଆଦିନାୟଣ ଖଣ୍ଡୁଆଳ ଧନ୍ୟବାଦ ଦେଇଥିଲେ । ପ୍ରଥମ ଅଧିବେଶନରେ ଜବାହରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱ ଏବଂ ଅଧ୍ୟାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ ବାସୁଦେବ ସାହୁ, କାଶୀନାଥ ଦାସ,ପଦ୍ମଲୋଚନ ସାହୁ,ଜଗନ୍ନାଥ ନାୟକ,ଅଧ୍ୟାପିକା ଆରତି ସେନ ,ଡ ସୁକାନ୍ତି ମହାପାତ୍ର, ଅଧ୍ୟାପିକା ରଜନୀ ରଣସିଂହ ପ୍ରମୁଖ କବିତା ପାଠ କରିଥିଲେ ।

## ବିଏନ୍‌କେ ସିକ୍ୟୁରିଟି ସଂସ୍ଥା ଓ ଏନ୍‌ଓସି ଫାଉଣ୍ଡେସନ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ




ପାରାଦୀପ,(ପି.ଏନ): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଏନ୍‌ଓସି ଫାଉଣ୍ଡେସନ୍ ସବୁ ବେଳେ ଅସହାୟମାନଙ୍କୁ ସହଯୋଗର ହାତ ବଢାଇ ଆସିଛି। ବାତ୍ୟା,ବନ୍ୟା,କୋଭିଡ୍ ସମୟରେ ଲୋକମାନଙ୍କ ପାଖରେ ପହଂଚି ସେମାନଙ୍କର ସୁଖ ଦୁଃଖର ସାଥୀ ହୋଇ ସବୁବର୍ଗରେ ଉଚ୍ଚ ପ୍ରଶଂସିତ ହୋଇପାରିଛି । ବିଭିନ୍ନ ସଙ୍ଗଠନ ପକ୍ଷରୁ ଏନ୍‌ଓସି ଫାଉଣ୍ଡେସନ୍‌କୁ ସମ୍ମାନିତ କରାଯାଇଛି। ସଂପ୍ରତି ବିଭିନ୍ନ ବସ୍ତିମାନଙ୍କରେ ରହୁଥିବା ଅସହାୟ ଲୋକମାନଙ୍କ ଏବଂ ରାସ୍ତାକଡରେ ରହୁଥିବା ଲୋକମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରି ଆଉ ଏକ ସମାଜସେବାର ନିଦର୍ଶନ ଉପସ୍ଥାପନ କରିପାରିଛି । କୋଲକତାର ବିଏନ୍‌କେ ସିକ୍ୟୁରିଟିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ସହାୟତାରେ ପାରାଦୀପର ବିଭିନ୍ନ ବସ୍ତି ଅଂଚଳର ଲୋକମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି । ବିଏନ୍‌କେ ସିକ୍ୟୁରିଟିଜ୍ ପ୍ରାଇଭେଟ୍ ଲିମିଟେଡ୍ ତାର ସାମାଜିକ ଉନ୍ନୟନ ଦାୟିତ୍ୱ ନିର୍ବାହ କରି ଏନ୍‌ଓସି ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜିକା ସମାଜସେବୀ ଶୈଳେନ୍ଦ୍ରୀ ସେନାପତିଙ୍କୁ ଏପରି କାର୍ଯ୍ୟ ପାଇଁ ସହାୟତା କରିଥିଲା। ଏଥି ନିମନ୍ତେ ବସ୍ତିବାସିନ୍ଦା ମାନେ ବିଏନ୍‌କେ ସିକ୍ୟୁରିଟିଜ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଏନ୍‌ଓସି ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜିକା ସମାଜସେବୀ ଶୈଳେନ୍ଦ୍ରୀ ସେନାପତିଙ୍କୁ ଭୂୟସି ପ୍ରଶଂସା କରିଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray